**ଆଜି କ'ଣ କେଉଁଠି**

ସିମୁଳିଆ

- ଏନ୍‌ଏସ୍‌ଏସ୍ କ୍ୟାମ୍ପର ସ୍ୱତନ୍ତ୍ର ଶିବିର, ଗାଁ ମାର୍କୋଣା, ଅପରାହ୍ନ ୨ଟା ୩୦ମି।

## ■ ନାବାଳିକାଙ୍କୁ ଗୁଳି କରି ହତ୍ୟା ମାମଲା

# ଗିରଫ ହେଲେ ବାପପୁଅ

- ■ ସାମିଲ ଥିବା ଅନ୍ୟ ଅଭିଯୁକ୍ତ ଫେରାର
- ■ ମିଳୁନି ବ୍ୟବହାର ହୋଇଥିବା ବନ୍ଧୁକ

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଗଳାପୋଲ ନିକଟସ୍ଥ ସେକ୍ ମାଜିଦ୍‌ଙ୍କ ଘରେ ଗତ ଶନିବାର ରାତି ୧୦ଟା ସମୟରେ ଏକ ନାବାଳିକାଙ୍କୁ ଗୁଳି କରି ହତ୍ୟା ଘଟଣାରେ ଅଟକ ଥିବା ବାପପୁଅଙ୍କୁ ପୋଲିସ ସୋମବାର କୋର୍ଟଚାଲାଣ କରିଛି।

ଘଟଣାରୁ ପ୍ରକାଶ, ସେକ୍ ମାଜିଦ୍‌ଙ୍କ ପୁଅ ସେକଦତ(୧୯) କିଛିଦିନ ପୂର୍ବରୁ ଅରଡ଼ବଜାର ସ୍ଥିତ ମସଜିଦ୍ ଗଳିର ଏକ ନାବାଳିକାଙ୍କୁ ଭଲ ପାଇ ଗତ ୩ ତାରିଖରେ ଅପହରଣ କରି ନେଇଥିଲେ। କିଛିଦିନ ବାଲେଶ୍ୱର ବାହାରେ ରହି ଗତ ୨୨ ତାରିଖରେ ଘରକୁ ଫେରିଥିଲେ। ନାବାଳିକା ଜଣଙ୍କ ବିବାହ କରିବା ପାଇଁ ରାଜି ନ ହେବାରୁ ସେକଦତଙ୍କ ପରିବାର ଲୋକେ ତାକୁ ବୁଝାଶୁଝା କରିଥିଲେ। ନାବାଳିକା ଜଣଙ୍କ କୌଣସି ମତେ ରାଜି ନ ହେବାରୁ ପରିବାର ଲୋକଙ୍କ ଉପସ୍ଥିତିରେ ସେକଦତ ଏକ ପିସ୍ତଲରେ ତାଙ୍କ ବାମପାର୍ଶ୍ୱ କାନ ତଳେ ଗୁଳି କରି ହତ୍ୟା କରିଥିଲେ। ପରେ ଏହି ଘଟଣାକୁ ଲୁଚାଇବା ପାଇଁ ପରିବାର ଲୋକଙ୍କ ସହ ମିଳିମିଶି ଗତ ଶନିବାର ରାତି ପ୍ରାୟ ୧୧ଟା ସମୟରେ ନାବାଳିକାଙ୍କ ମୃତଦେହକୁ ନେଇ ରାସ୍ତା ପାର୍ଶ୍ୱରେ ପକାଇବା ସମୟରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବାପପୁଅଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ବେଳେ ବ୍ୟବହୃତ ପିସ୍ତଲଟି ଏପର୍ଯ୍ୟନ୍ତ ମିଳି ନାହିଁ। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଛନ୍ତି। ଏନେଇ ମୃତ ନାବାଳିକାଙ୍କ ବାପା ଗତ ୩ ତାରିଖରେ ଝିଅ ହଜିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଗତ ୨୨ ତାରିଖରେ ହତ୍ୟା ମାମଲା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ସହଦେବଖୁଣ୍ଟା ଥାନା ମାମଲା (ନଂ ୩୫୬/୧୮) ସହ ଦଫା ୩୬୪, ୩୬୫, ୩୬୬(ଏ), ୩୦୨, ୨୯୪, ୫୦୬, ୩୪ ଆଇପିସି ସହ ୨୫ ଓ ୨୭ ଆର୍ମ ଆକ୍ଟ ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ସବ୍‌ଇନ୍ସପେକ୍ଟର ନରେନ୍ଦ୍ର ନାଥ ସୂତାର ଏବଂ ଥାନା ଆଇଆଇସି ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି।



ନାବାଳିକା ହତ୍ୟା ମାମଲାରେ ଗିରଫ ବାପପୁଅ।



ନୀଳଗିରି ବିଧାୟକଙ୍କ ଦ୍ୱାରା ଶୁଭ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ।

## ସାତଘାଟି ଡ୍ୟାମ୍‌ର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ

**ସଜନାଗଡ଼,୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ଼ ପଞ୍ଚାୟତର ତେଣ୍ଡଶ ଗ୍ରାମ ପାଖରେ ସାତଘାଟି ଡ୍ୟାମ୍‌ର ପୁନରୁଦ୍ଧାର ଲାଗି ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୯୭୯ ମସିହାରେ ନିର୍ମିତ ଏହି ଡ୍ୟାମ୍‌ଟି କ୍ରମେ ପୋତି ହୋଇଯାଇଥିଲା। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଅଟକଳ ମୂଲ୍ୟ ୭୫୧୯୦୦୬.୫୧ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଉକ୍ତ ଉତ୍ସବରେ ନୀଳଗିରି ଡିଭିଜନ୍‌ର ଏସ୍‌ଡିଓ ଶିଶିର ମହାନ୍ତି, ଯନ୍ତ୍ରୀ ରମେଶ ଚନ୍ଦ୍ର ଦାସଙ୍କ ସମେତ ବହୁ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ତେଣ୍ଡା ପାଣି ପଞ୍ଚାୟତର ସଭାପତି ସନାତନ ସିଂ, ସମ୍ପାଦକ ଗଜେନ୍ଦ୍ର ସିଂଙ୍କ ସହ ପାଣି ପଞ୍ଚାୟତର ବହୁ ଚାଷୀ ଦୀର୍ଘଦିନ ଧରି ପ୍ରଶାସନିକ ଅଧିକାରୀଙ୍କ ସହ ବିଧାୟକଙ୍କ ଠାରେ ଗୁହାରି କରି ଆସୁଥିଲେ। ଏହି ଡ୍ୟାମ୍‌ର ପାଣିରେ ସଜନାଗଡ଼, ଜଡ଼ିଦା, ଶିଆଡ଼ିମାଳ ଅଞ୍ଚଳରେ କୃଷିର ବିକାଶ ବହୁ ସାହାଯ୍ୟ ମିଳିବ। ଏହାବ୍ୟତୀତ କୁଲଡ଼ିହାକୁ ଆସୁଥିବା ପର୍ଯ୍ୟଟକ ଏହି ଡ୍ୟାମ୍ ଉପରେ ରହି ହାତୀଙ୍କ ଜଳକ୍ରୀଡ଼ା ଦୃଶ୍ୟ ଉପଭୋଗ କରିଥାନ୍ତି। କ୍ରମେ ଏହି ଡ୍ୟାମ୍ ପୁରାତନ ପ୍ରକଳ୍ପ ପଟୁମାଟିରେ ପୋତି ହୋଇଯାଇଥିବାରୁ ଜଳଧାରଣର କ୍ଷମତା ହ୍ରାସ ପାଇ ଆକର୍ଷଣ ହରାଇ ବସିଥିଲା।

## ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ-୨୦୧୮

**ଖଇରା,୨୪।୧୨(ଡି.ଏନ.ଏ.):** ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠ ଗଡ଼ସଙ୍ଗର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଗତ ୨୦ ଓ ୨୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବାଳିକା ଓ ବାଳକ ବର୍ଗରେ ଦଶଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷକ ଶିବ ପ୍ରସାଦ ବଳ ସଭାପତିତ୍ୱ କରିଥିଲେ। ଡୁଙ୍ଗୁରା ଦର୍ଶନ ପ୍ରସାଦ ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ନିର୍ମଳ କୁମାର ପଣ୍ଡା ମୁଖ୍ୟଅତିଥି, ସିଆର୍‌ସିସି ଉତ୍ତମ କୁମାର ସେଠୀ, ଗଡ଼ସଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଅନନ୍ତ କିଶୋର ଉପାଧ୍ୟାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଉଗ୍ରସେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର କୁମାର ବାରିକ, ନାରାୟଣ ପ୍ରସାଦ ଜେନା, ଅଭିମନ୍ୟୁ ପଣ୍ଡା, ନିରଞ୍ଜନ ଶତପଥୀ, ଅକ୍ଷୟ କୁମାର ମହାନ୍ତି ତଥା ଶିକ୍ଷା କର୍ମଚାରୀଗଣ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଧାନ, ମତ୍ସ୍ୟ ଚାଷ ସମ୍ପର୍କରେ ପ୍ରଶିକ୍ଷଣ

**ଖଇରା,୨୪।୧୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଭାରତୀୟ କିସାନ ସଂଘର ରବିବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ କ୍ଷେଣ୍ଡ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ଚାଷ ବିଷୟରେ ଅବଗତ କରାଇଥିଲେ। ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟବିଜ୍ଞାନୀ ଅମ୍ବିକା ପ୍ରସାଦ ନାୟକ ଯୋଗଦେଇ ମତ୍ସ୍ୟ ଓ ଧାନ ଚାଷର ଚାଷୀମାନେ କିଭଳି ଅଧିକ ଦୁଇପଇସା ଲାଭ କରିପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ପଣ୍ଡା, କାର୍ତ୍ତିକ ଭାରତୀ, ଗଣେଶ ଖାମୁରାଇ, କମଳାକାନ୍ତ ମହାପାତ୍ର, ଅମୂଲ୍ୟ ଦାସମହାପାତ୍ର, ଅକ୍ଷୟ ହାତୀ, ଗଣେଶ ବିଶ୍ୱାଳ, ଉପେନ୍ଦ୍ର ନାୟକ, କୃଷକନେତା ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ଭଦ୍ରକ-ବାଲେଶ୍ୱର ଜିଲାରୁ ୨ଶହରୁ ଅଧିକ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବକ୍ତାମାନେ ଚାଷୀମାନଙ୍କର ବିଭିନ୍ନ ସମସ୍ୟ ଯଥା- ରାଜ୍ୟସରକାରଙ୍କ ପକ୍ଷରୁ ଧାନର ସହାୟକ ମୂଲ୍ୟ ବାବଦରେ ୧୧୫୦ ଟଙ୍କା ବୋନସ୍ ଦେବା, ରାଜ୍ୟରେ ଏପିଏମ୍‌ସି ନିୟମ ଲାଗୁ କରିବା, ୪ଟି ମକ୍କା ମଣ୍ଡି ଜିଲାରେ ପ୍ରତିଷ୍ଠା କରିବା, କପାଚାଷୀଙ୍କ ପାଇଁ ମଣ୍ଡିର ବ୍ୟବସ୍ଥା, ସ୍ଥାନୀୟ ହାଟଗୁଡ଼ିକୁ ସଶକ୍ତିକରଣ କରିବା, କୃଷି ଋଣ ଛାଡ଼ କରିବା, ସବୁଜମିକୁ ଜଳସେଚନ ବ୍ୟବସ୍ଥା କରିବା ସମ୍ପର୍କରେ ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ବଡ଼ଦିନ ଲାଗି ଦୀଘା-ଉଦୟପୁର-ତାଳସାରୀ ଉତ୍ସବମୁଖର

**ଭୋଗରାଇ, ୨୪।୧୨(ଡି.ଏନ.ଏ.)**

ମଙ୍ଗଳବାର ବଡ଼ଦିନ। ଏଥିନିମନ୍ତେ ଓଡ଼ିଶାର ସମୁଦ୍ର ସୈକତ ଉଦୟପୁର, ତାଳସାରୀ, ବିଚିତ୍ରପୁର-ଖଡ଼ିବିଲ୍ ଇକୋ ଟୁରିଜିମ୍ ସହିତ 'ଦୀଘା' ବେଳାଭୂମିରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଛି। ଦୀଘାରେ ସହସ୍ରାଧିକ ହୋଟେଲ, ତାଳସାରୀ ଓ ଟି.ଡି.ସି.ରେ ଆଧୁନିକ ବିଦ୍ୟୁତ ରଙ୍ଗବେରଙ୍ଗର ଆଲୋକମାଳାରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ ପାଇଁ ସଜ୍ଜିତ କରାଯାଇଛି।

ରବିବାର ଓ ସୋମବାର ସରକାରୀ ଛୁଟି ଥିବାରୁ ପର୍ଯ୍ୟଟକମାନେ ଦୂରଦୂରାନ୍ତରୁ ଏଠାକୁ ଆସିଛନ୍ତି। ଜଳେଶ୍ୱର-ଚନ୍ଦନେଶ୍ୱର-ବର୍ଡର ରାସ୍ତା ଚାରିଚକିଆ ଯାନର ଲମ୍ବା ଲାଇନ୍ ଲାଗିଛି। ଆଜିଠୁ ଓଡ଼ିଶାର ଅନନ୍ୟ ବେଳାଭୂମି ତାଳସାରୀ, ଉଦୟପୁର ଝାଉଁ ଜଙ୍ଗଲରେ ଭୋଜିଭାତ, ପାନୀୟର ଆସର ଜମିଛି। ଏଥିସହିତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ, ସର୍ବବୃହତ୍ ଶିବଲିଙ୍ଗ ଭୁଷଣ୍ଡେଶ୍ୱର ଜୀଉଙ୍କଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି। ଓଡ଼ିଶା ସୀମାନ୍ତ ପୁରୁଣାଦୀଘା ଓ ନୂତନ ଦୀଘାରେ ପର୍ଯ୍ୟଟକଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ସାଇନ୍ସସିଟି, ଅମରାବତୀ ପାର୍କ, ମେରାଇନ୍ ଆକ୍ୱାରିୟମ୍, ଟୟଟ୍ରେନ୍, ବିଶ୍ୱବାଂଲାର ଉଦ୍ୟାନ ସହ ସମୁଦ୍ର ଢ଼େଉର ମଜା ପର୍ଯ୍ୟଟକମାନେ ନେଇଛନ୍ତି। ଶଙ୍କରପୁର, ତାଜପୁର, ମନ୍ଦାରମଣୀରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି। ଦୀଘାରେ ହୋଟେଲଗୁଡ଼ିକରେ ସ୍ଥାନାଭାବ ଯୋଗୁଁ ପର୍ଯ୍ୟଟକମାନେ ନାହିଁ ନ ଥିବାର ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ପର୍ଯ୍ୟଟକଙ୍କ ଚାରିଚକିଆ ଯାନ ଚନ୍ଦନେଶ୍ୱର ଓ ବର୍ଡରରେ ଟ୍ରାଫିକ୍ ଚିନ୍ତା ପୋଲିସକୁ ଘାରିଛି। ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇ ଛକରେ ଟ୍ରାଫିକ୍ ନିୟନ୍ତ୍ରଣ କରାଯିବ ବୋଲି ତାଳସାରୀ ମେରାଇନ୍ ଓ ଭୋଗରାଇ ଥାନାର ଆଇଆଇସି ପ୍ରକାଶ କରିଛନ୍ତି।



ତାଳସାରୀ ଓ ଉଦୟପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼।

## ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

**ଖଇରା,୨୪।୧୨(ଡି.ଏନ.ଏ.)**

ଖଇରା ବ୍ଲକ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ମହାବିଦ୍ୟାଳୟରେ ୮ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମସୁରକ୍ଷା ଶିବିର ୨୨ତାରିଖ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷା ଅନିତାରାଣି ନାୟକ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଳକାନନ୍ଦା ସାହୁ, ଅଧ୍ୟାପିକା ଜ୍ୟୋସ୍ନାବାଳା ଦାସ, ମମତାମୟୀ ପଣ୍ଡା, ଅଧ୍ୟାପକ ବସନ୍ତ ସୂତାର ପ୍ରମୁଖ ବକ୍ତା ଭାବେ ଛାତ୍ରୀ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ତାଲିକା ନେଇଥିବା ୧୯୨ଜଣ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମହେଶ୍ୱର ଦାସ,ରମା ଦାସ,ଗାୟତ୍ରୀ ଦାସ, ଭାସ୍କର ମାଝୀ, ସୂର୍ଯ୍ୟମଣୀ ରାଉତ, ବିଣାପାଣି ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




'ଫଟୋୱାକ୍'ରେ ସାମିଲ ଫଟୋଗ୍ରାଫର୍

## ପ୍ରଥମଥର ଲାଗି 'ଫଟୋୱାକ୍'

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ଜିଲାରେ ପ୍ରଥମଥର ପାଇଁ 'ଫଟୋୱାକ୍' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ବାଲେଶ୍ୱରର ରେମୁଣା ଅଞ୍ଚଳର ଗ୍ରାମ୍ୟ ଜୀବନଯାପନ ଓ ପରିବେଶକୁ କେନ୍ଦ୍ର କରି ଏହି ଫଟୋୱାକ୍ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଏବଂ ବାରିପଦାର ଫଟୋଗ୍ରାଫର୍‌ମାନେ ଯୋଗଦାନ କରିଥିଲେ। 'ଫଟୋୱାକ୍'କୁ ଟାଇମ୍‌ଲେସ୍ ଷ୍ଟୋରିଜ ଅଫ୍ ବାଲେଶ୍ୱର ଜ୍ୟୋତିର୍ମୟୀ ପାତ୍ର ପରିକଳ୍ପନା କରିଥିଲେ। ପ୍ରୀତମ୍ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ରେମୁଣାର ବିଭିନ୍ନ ଅଞ୍ଚଳରେ ବୁଲି ଫଟୋଗ୍ରାଫର୍‌ମାନେ ନିଜ ନିଜର ଅନ୍ଦାଜ୍‌ରେ ଫଟୋ ଉଠାଇଥିଲେ। ଫଟୋଗ୍ରାଫର୍‌ଙ୍କ ମଧ୍ୟରେ ଆନନ୍ଦ ବୋଷ୍, ଆକାଶ ମଲ୍ଲିକ, ରାଜଦୀପ୍ ପ୍ରମାଣିକ ଏବଂ ଅବିନାଶ ଜେନା ପ୍ରମୁଖ ଯୋଗଦାନ କରି ସେମାନଙ୍କର କଳା ଉପସ୍ଥାପନ କରିଥିଲେ। ମୁଖ୍ୟତଃ ବାଲେଶ୍ୱରରେ ପ୍ରଥମଥର ପାଇଁ ଏହା ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଥିଲା। ଆଗାମୀ ଦିନରେ ଏହା ଠାରୁ ବୃହତ୍ତର ଫଟୋୱାକ୍ ସମଗ୍ର ରାଜ୍ୟରେ ଅନୁଷ୍ଠିତ କରାଯିବ ବୋଲି ଫଟୋଗ୍ରାଫର୍‌ମାନେ ଆଶାବ୍ୟକ୍ତ କରିଥିଲେ।

## ଜିଲାସ୍ତରୀୟ ଶିଶୁମେଳା ଉଦ୍‌ଯାପିତ

**ଖଇରା,୨୪।୧୨(ଡି.ଏନ.ଏ.)**

୩୭ତମ ଜିଲାସ୍ତରୀୟ ଶିଶୁ ଉତ୍ସବ ଖଇରା ବ୍ଲକର ବର୍ଡନା ଉଚ୍ଚବିଦ୍ୟାପୀଠରେ ଉଦ୍‌ଯାପିତ ହୋଇଯାଇଛି। ଉପସଭାପତି ରାଜେନ୍ଦୁ ବିକାଶ ପାତ୍ର ମଞ୍ଚ ଆହ୍ୱାନ କରିଥିଲେ। ଏଥିରେ ବ୍ଲକ୍ ଶିକ୍ଷା ଅଧିକାରୀ ଧରଣିଧର ପାତ୍ର ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ସନ୍ତୋଷ କୁମାର ଭଞ୍ଜ, ପଦ୍ମଲୋଚନ ଦାସ, ମହେନ୍ଦ୍ର ପ୍ରସାଦ କବି, ଷଡ଼ାନନ ପାଣି, ମହେଶ୍ୱର ପଣ୍ଡା, ସୁଧାଂଶୁ ମୋହନ ମିଶ୍ର, ଗୟାଧର ପୁହାଣ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ପାଦକ ବାଦଲ ଚନ୍ଦ୍ର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଯାଜ୍ଞସେନୀ ପାତ୍ର, ଦୂର୍ଗାଶଙ୍କର ଦାସ, ସ୍ୱସ୍ତିସ୍ୱରୁପା ବେହେରା, ରାଜକିଶୋର ଆଦିଆ, ପ୍ରତିମା ପଣ୍ଡା, ସ୍ମୃତିପ୍ରିତମ ନାୟକ, ସିନ୍ଧିଶ୍ରୀ ଦାସ, କସ୍ତୁରୀ ବାଳା ରାଉତ, ସତ୍ୟସ୍ୱରୂପ ଦାସଙ୍କ ସମେତ ସିଦ୍ଧେଶ୍ୱର ଜେନାଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ୭୫ ୟୁନିଟ୍ ରକ୍ତ ସଂଗୃହୀତ

**ଜଳେଶ୍ୱର,୨୪।୧୨(ଡି.ଏନ୍.ଏ.):** ଜଳେଶ୍ୱର ସହର ନୂଆବଜାର ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରୀ ସ୍ଥିତ ଗୋବର୍ଦ୍ଧନ ପୀଠର ଛାମୁଆ ସଂଗଠନ ଆଦିତ୍ୟବାହିନୀ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜଳେଶ୍ୱର ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼ୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଉକ୍ତ ଶିବିରରେ ଗୋବର୍ଦ୍ଧନ ପୀଠ କାର୍ଯ୍ୟାଳୟର ସମ୍ପାଦକ ମଧୁସୂଦନ ଗଡ଼ନାୟକ, ସମ୍ପର୍କ ସଚିବ ରଘୁନାଥ ମହାନ୍ତ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରକୁ ବାହିନୀର ଜିଲା କ୍ଷେତ୍ରୀୟ ସମ୍ପାଦକ କୁମାର ସତ୍ୟଜିତ ବେଜ, ଅଲାଲପୁର ଶାଖା ସଭାପତି ଗିରିଜାଶଙ୍କର କର ଓ ସ୍ଥାନୀୟ ବିଭିନ୍ନ ସଂଗଠନ ତଥା ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଶିଶୁଙ୍କ ସମସ୍ୟା ସମ୍ପର୍କିତ କର୍ମଶାଳା

**ବାଲେଶ୍ୱର ଅଫିସ,୨୪।୧୨**

ବାଲେଶ୍ୱର ଶିଶୁ ଚିକିତ୍ସକ ସଂଘ ଆନୁକୂଲ୍ୟରେ ଆଇଟିଆଇ ସ୍ଥିତ ଆତିଥ୍ୟ ଭବନ ପରିସରରେ ଭାରତୀୟ ଶିଶୁ ଚିକିତ୍ସକ ସଂଘ ସଭାପତିଙ୍କ ଆକ୍ସନ ପ୍ଲାନ ୨୦୧୮-୧୯ ମୁତାବକ ପିଲାମାନଙ୍କର ନ୍ୟୁରୋ ଡେଭେଲପ୍‌ମେଣ୍ଟାଲ ସମସ୍ୟା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଡା. ଚିନ୍ତାମଣି ପଣ୍ଡା କର୍ମଶାଳାରେ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବାଲେଶ୍ୱର ଶାଖା ସଭାପତି ଡା. ରଶ୍ମିକାନ୍ତ ଜଟାନିଆ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାରେ ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ କୁମାର ସାବତ, ଆମ୍ରି ହସ୍ପିଟାଲର ଡା. ସୁବ୍ରତ କୁମାର ମାଝି ଓ କେନ୍ଦୁଝରର ଡା. ମହେଶ ପ୍ରସାଦ ମହନ୍ତ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିଶୁମାନଙ୍କର ସ୍ୱାଭାବିକ ମାନସିକ ଅଭିବୃଦ୍ଧି ନ ହୋଇ କିପରି ଅଟିଜିମ୍, ଏଡିଏଚ୍‌ଡ଼ି, ଶିକ୍ଷାଲାଭର ବିଫଳତା ଓ ନବଜାତ ଶିଶୁମାନଙ୍କର ଶ୍ରବଣଦୋଷ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଓ ପରାମର୍ଶ ଦେଇଥିଲେ। ଉପସ୍ଥିତ ୩୦ରୁ ଉର୍ଦ୍ଧ୍ୱ ଶିଶୁରୋଗମାନେ କିପରି ପରିବାରର ମାତାପିତା, ବିଦ୍ୟାଳୟର ଶିକ୍ଷକମାନଙ୍କୁ କାଉନ୍‌ସେଲ କରି ସେମାନେ କେମିତି ଏ ସମସ୍ୟାର ସମାଧାନ ଦିଗରେ ସହାୟତା ହେବେ ତାହା ଆଲୋଚନାର ମୁଖ୍ୟ ଆକର୍ଷଣ ଥିଲା। ଏହି କର୍ମଶାଳାରେ ଡା. ଦୁଲାଲ ସେନ ଜଗଦେବ, ଡା. ବିଜୟ କୁମାର କର, ଡା. ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଡା. ନମିତା ନାୟକ, ଡା. ପୂର୍ଣ୍ଣଚନ୍ଦ୍ର ଦାଶ, ଡା. ଜୟନ୍ତ କୁମାର ଦାସ ଓ ଡା. ସୁଜୟ କୁମାର ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଶିଶୁମାନଙ୍କ ସମସ୍ୟା ସମ୍ପର୍କିତ କର୍ମଶାଳାରେ ଚିକିତ୍ସକଗଣ।

## ୨୦୯ ଅଭିଯୋଗର ହେଲା ଶୁଣାଣି

**ସୋର, ୨୪।୧୨(ଡି.ଏନ.ଏ.):** ସୋର ବ୍ଲକ ଅନ୍ତର୍ଗତ ତଳନଗର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଶୁଣାଣି ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଜଲା ଆରକ୍ଷୀ ଅଧୀକ୍ଷକ ବି ଯୁଗଳ କିଶୋରଙ୍କ ଦ୍ୱାରା ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଏଥିରେ ଉପସ୍ଥିତି ଥିଲେ। ମୋଟ ୨୦୯ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିରୁ ୧୨୩ଟିରେ ଫଇସଲା କରାଯାଇଥିଲା। ୧୫୬ଟି ବ୍ୟକ୍ତିଗତ ଅଭିଯୋଗ, ୪୬ଟି ମିଳିତ ଓ ୫ଟି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ନେଇ ଶୁଣାଣି ହୋଇଥିଲା। ଏହି ଶିବିରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଉପଜିଲାପାଳ ନିଲୁ ମହାପାତ୍ର, ତହସିଲଦାର ଦେବୀପ୍ରସାଦ ଦାଶ, ବ୍ଲକ ଅଧକ୍ଷା ଅତସୀ ମହାପାତ୍ର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ■ ବରୁଣସିଂ ପ୍ରିମିୟର ଲିଗ୍

# ବେଙ୍ଗଲ ଟାଇଗର୍, ବୁଲେଟ-୧୧ ବିଜୟୀ

**ରେମୁଣା,୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ବରୁଣସିଂ ସ୍ଥିତ ରୂପାବାଲି ପଡ଼ିଆରେ ବରୁଣସିଂ ପ୍ରିମିୟର ଲିଗ୍‌ର ୫ମ ସଂସ୍କରଣ ସୋମବାର ଉଦ୍‌ଘାଟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅବସରପ୍ରାପ୍ତ ଡା. ତଥା ସାମାଜି କର୍ମୀ ସୁଧାଂଶୁ ପରିଡ଼ା, ପୂର୍ବତନ ସରପଞ୍ଚ ଭାସ୍କର ଚନ୍ଦ୍ର ବେହେରା, ଲିଗ୍‌ର ଚେୟାରମ୍ୟାନ୍ ଗଜେନ୍ଦ୍ର ମହାଲିକ, ସାମାଜି କର୍ମୀ ମାର୍କଣ୍ଡ ଚରଣ ସେଠୀ ଓ କ୍ଲବର ସମ୍ପାଦକ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

୧୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ ଓ ବ୍ଲାକ ଡଗ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଙ୍ଗଲ ଟାଇଗର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ହିଟ୍ ମାଇଣ୍ଡ ଓ ବୁଲେଟ୍-୧୧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଲେଟ୍-୧୧ ବିଜୟୀ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଅଞ୍ଜନ କୁମାର ବେହେରାଙ୍କୁ ଦେବବ୍ରତ ବେହେରା ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌କୁ ଅଭୟ କୁମାର ଦଳାଇ ଓ ସୁରେନ୍ଦ୍ର ଯେନା ପରିଚାଳନା କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥି।

# ପୁଅକୁ ଝୁରି ହେଉଛନ୍ତି ଅସହାୟା କୁନି

**ସିମୁଳିଆ,୨୪।୧୨(ଡି.ଏନ.ଏ.)**

ଆଶା ଥିଲା ପୁଅ ଦୁର୍ଦ୍ଦିନରେ ସାହା ହେବ। ବାର୍ଦ୍ଧକ୍ୟରେ ସେବାଯତ୍ନ କରିବ। ସେଥିପାଇଁ ତ ସେ ପୁଅର ସୁଖ ସମୃଦ୍ଧି ପାଇଁ ସବୁକିଛି ଦେଇ ସାରିଥିଲେ। ହେଲେ ସବୁ ଯେମିତି ପାଣି ଫୋଟକା ପରି ମିଳେଇ ଯାଇଥିଲା। ହଠାତ୍ ଦିନ ପୁଅ କୁଆଡ଼େ ଗଲା ଯେ, ଆଉ ଫେରିଲା ନାହିଁ। ପୁଅର ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଲା। ସବୁ ଯେମିତି ଓଲଟ ପାଲଟ ହୋଇଗଲା..। ଏବେ ୬୭ବର୍ଷୀୟ କୁନି ମୁଦୁଲି ଅସହାୟ। କେବଳ ଭାଗ୍ୟକୁ ଆଦରି ସେ ବାକି ଜୀବନକୁ କାଟି ଚାଲିଛନ୍ତି।

ବାଲେଶ୍ୱର ଜିଲା ସୋର ଅଞ୍ଚଳର ବନମାଳୀ ମୁଦୁଲିଙ୍କ ୫ଝିଅ ୪ ପୁଅଙ୍କ ମଧ୍ୟରେ କୁନି ଥିଲେ ସବା ସାନ। ପାରିବାରିକ ସମସ୍ୟା ପାଇଁ ତାଙ୍କୁ ମାତ୍ର ସାଢ଼େ ୪ ବର୍ଷ ବୟସରେ ଘର ଛାଡ଼ିବାକୁ ପଡିଥିଲା। ତାଙ୍କ ପିଲାଦିନ କଟକ ଗାନ୍ଧୀ ବାଳାଶ୍ରମରେ ହିଁ କଟିଥିଲା। ୧୯୯୧ ମସିହାର କଥା। ସିମୁଳିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ବଙ୍କିମ ଚନ୍ଦ୍ର ମହାରଣା ତାଙ୍କୁ ବରି ହାଇସ୍କୁଲର ଛାତ୍ରାବାସରେ ରୋଷେଇ କାମ କରିବା ପାଇଁ କଟକ ଆଶ୍ରମରୁ ନେଇ ଆସିଥିଲେ। ସେଠାରେ ୧୬ବର୍ଷ ରୋଷେଇ କାମ କରିବା ପରେ ଛାତ୍ରାବାସ ବନ୍ଦ ହୋଇଯାଇଥିଲା। ଇତିମଧ୍ୟରେ ବଙ୍କିମ ଚନ୍ଦ୍ର ମଧ୍ୟ ଆରପାରିକୁ ଚାଲି ଯାଇଥିଲେ। କୁନି ଆଶ୍ରମରେ ଥିବା ବେଳେ ସେଠାରେ ରହୁଥିବା ଜଣେ ଅନାଥ ଶିଶୁକୁ ସେ ପୁଅ ଭାବେ ଗ୍ରହଣ କରି ନେଇଥିଲେ। ପୁଅର ନାମ ମେଘା ରଖିଥିଲେ। ମେଘାକୁ ପାଠ ପଢ଼ାଇ ବଡ଼ ମଣିଷ କରିଥିଲେ କୁନି। ମେଘା ଡ୍ରାଇଭର ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେଥିପାଇଁ ତାଙ୍କୁ ଗାଡ଼ି ଚାଳନା ତାଲିମ ପାଇଁ ବ୍ୟବସ୍ଥା କରାଇଥିଲେ କୁନି। ଶେଷରେ ମେଘା ବିବାହ କରିଥିଲେ। ପିଲାଟି ଦିନରୁ ରୋଷେଇ କରି ଯାହା କିଛି ଟଙ୍କା ପାଇଥିଲେ ତାକୁ ବି ମେଘା ପାଇଁ ସେ ସାରି ଦେଇଥିଲେ। ହେଲେ ଦିନେ ମେଘା ନିଜ ସ୍ତ୍ରୀକୁ ନେଇ କୁଆଡ଼େ ଚାଲି ଯାଇଥିଲେ। ଆଉ ସେଦିନରୁ ମେଘାଙ୍କ ସାକ୍ଷାତ ପାଇନାହାନ୍ତି କୁନି। ଇତିମଧ୍ୟରେ କୁନି ବାରିପଦାର ଏକ ବୃଦ୍ଧାଶ୍ରମ ଓ ସେଠାରୁ ଗୁଡ଼ ଅଞ୍ଚଳର ଅନ୍ୟ ଏକ ମୁନି ଆଶ୍ରମରେ ରୋଷେଇ କାମ କରିଥିଲେ। ହେଲେ ତାଙ୍କୁ ୧୧ମାସ ହେଲା ଦରମା ମିଳିଥିଲା। ଯାହା ସଞ୍ଚିତ ଟଙ୍କା ଥିଲା ସବୁ ସେ ମେଘାର ପାଠ ପଢ଼ା ଓ ବାହାଘର ପାଇଁ ଖର୍ଚ୍ଚ କରି ସାରିଥିଲେ। ଏପରି ପରିସ୍ଥିତିରେ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ କୁନି। ସେଥିପାଇଁ ତାଙ୍କୁ ଆଶ୍ରମରୁ ତଡ଼ି ଦିଆଯାଇ ଥିବା ସେ କହିଛନ୍ତି।

ଶନିବାର ସେ ସିମୁଳିଆର ବ୍ଲକର ମାର୍କୋଣାରେ ପହଞ୍ଚି ବରି ହାଇସ୍କୁଲର ଜଣେ ପୂର୍ବତନ ଛାତ୍ରଙ୍କ ଘରେ ଆଶ୍ରୟ ନେଇଛନ୍ତି। ରବିବାର ତାଙ୍କୁ ସିମୁଳିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡା. ଡାନିଏଲ ସାମଲ ଓ ଡା. ବିଜୟ କୁମାର ପଣ୍ଡା ତାଙ୍କର ଚିକିତ୍ସା ଆରମ୍ଭ କରିଛନ୍ତି। କୁନି ଆଣ୍ଠୁ ଓ ବାତ ରୋଗରେ ଆକ୍ରାନ୍ତ। ସୋମବାର ତାଙ୍କ ଚିକିତ୍ସା ପାଇଁ ବିଭିନ୍ନ ପରୀକ୍ଷା କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ପୁଅ ମା'କୁ ଭୁଲି ନିଜ ସଂସାରରେ ବ୍ୟସ୍ତ ହୋଇଯାଇଥିବା ବେଳେ କୁନି ଆଜି ଅସହାୟ। ସେ ପୁଅକୁ ମନେ ପକାଇ ଝୁରି ହେଉଥିବା ବେଳେ ପୁଅର ଠିକଣା କିନ୍ତୁ ତାଙ୍କ ପାଖରେ ନାହିଁ।



ସିମୁଳିଆ ମେଡିକାଲରେ କୁନି।

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୨୫ ଡିସେମ୍ବର, ୨୦୧୮



## ଆଜି କ'ଣ କେଉଁଠି

### ଭଣ୍ଡାରିପୋଖରୀ

- ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ। **ସ୍ଥାନ:** ସରସ୍ୱତୀ ଶିଶୁମନ୍ଦିର, ମଞ୍ଜୁରିରୋଡ୍, **ସମୟ:** ପୂର୍ବାହ୍ନ ୮ଟା ୩୦ମିନିଟ୍

## ସଂକ୍ଷେପରେ

### ପୃଥକ୍ ଅଗ୍ନିକାଣ୍ଡ ୩ ବଖରା, ୨ ଏକର ଧାନ ଫସଲ ଜଳିଗଲା

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୨୪।୧୨(ଡି.ଏନ.ଏ.):** ଭଦ୍ରକ ଜିଲାର ପୌରାଞ୍ଚଳ ଅଧୀନ ପୁରୁଣାବଜାର ମୁଲାସାହି ଓ ଭଣ୍ଡାରିପୋଖରୀ ତହସିଲ ଜଗନ୍ନାଥପ୍ରସାଦଠାରେ ସୋମବାର ଅଗ୍ନିକାଣ୍ଡ ଘଟି ୩ ବଖରା ଓ ୨ ଏକର ଧାନ ଜଳିଯାଇଛି। ମୁଲାସାହିରେ ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡରେ ଶେଖ ମୈରାଜଙ୍କ ୩ ବଖରା ସହ ନଗଦ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ବିଭିନ୍ନ ଆସବାପତ୍ର ଜଳି ନଷ୍ଟ ହୋଇଯାଇଛି। ତାଙ୍କ ଝିଅ ଓ ପୁଅଙ୍କ ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ ପୋଡ଼ିଯାଇଥିବା ସେ କହିଛନ୍ତି। ଭଣ୍ଡାରିପୋଖରୀ ତହସିଲ ଅଧୀନ ଜଗନ୍ନାଥ ପ୍ରସାଦଠାରେ ଧାନଜମିରେ ନିଆଁ ଲାଗି ପ୍ରାୟ ୨ ଏକର ଧାନ ପୋଡ଼ିଯାଇଛି। ପରମାନନ୍ଦପୁର ଗ୍ରାମର କମଳାକାନ୍ତ ସେନାପତି ଓ ଜଗନ୍ନାଥପ୍ରସାଦ ଗ୍ରାମର ରବୀନ୍ଦ୍ର ମଲିକ, ମଦନ ମଲିକ, ଦୁର୍ଯ୍ୟୋଧନ ବାରିକ, ବ୍ରଜକିଶୋର ବାରିକ, ବୁଲୁ ଗୋଛାୟତ ଏବଂ ରବୀନ୍ଦ୍ର ସାହୁଙ୍କ ଧାନ କ୍ଷେତ ଜଳିଯାଇଛି।

### ମୃତଦେହ ଉଦ୍ଧାର

**ତିହିଡ଼ି, ୨୪।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ହରସିଂହପୁର ଗ୍ରାମର ଗାଡ଼ି ଚାଳକ ଅଭିମନ୍ୟୁ ଦଳେଇ(୪୫)ଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ଅଭିମନ୍ୟୁ ଗାଡ଼ି ରଖି ରବିବାର ରାତିରେ ଘରକୁ ଫେରୁଥିବା ବେଳେ ଅଳ୍ପ ପାଣି ଥିବା ଏକ ସ୍ଥାନରେ ପଡ଼ି ଯାଇଥିଲେ। ସୋମବାର ସକାଳେ ଗ୍ରାମବାସୀ ତାଙ୍କ ମୃତଦେହକୁ ଦେଖି ତିହିଡ଼ି ପୋଲିସକୁ ଖବର ଦେଇଥିଲେ। ପୀରହାଟ ଫାଣ୍ଡି ଅଧିକାରୀ ବିଭୁତି ଭୂଷଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୩/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଗୀତା ଜୟନ୍ତୀ ପାଳିତ

**ଭଣ୍ଡାରିପୋଖରୀ, ୨୪।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ସ୍ଥିତ ସରୋଜିନୀ ନନ୍ଦ ବିଦ୍ୟାଳୟରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବିଶାଖା ବଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ଗୀତା ପଠନର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶିକ୍ଷା ସଂଯୋଜକ ପୁଷ୍ପକ ଭାରତୀ, ସୂର୍ଯ୍ୟମଣି ବେହୁରିଆ ଯୋଗଦେଇ ଗୀତା ପୂଜନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ଶାରଦା ବିଦ୍ୟାମନ୍ଦିରଠାରେ ଭାଗବତ ଗୀତା ଜୟନ୍ତୀ ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ଛାତ୍ରୀ ସ୍ଥିତିପ୍ରଜ୍ଞା ବାରିକ ଗୀତା ଷୋଡ଼ଶ ଅଧ୍ୟାୟ ପାଠ କରିଥିଲେ। ନିର୍ମଳ ସେନାପତି, ସୁଶାନ୍ତ ସେନାପତି, ସସ୍ମିତା ସ୍ୱାଇଁ ଗୀତାର ମାହାତ୍ମ୍ୟ ଉପରେ ବିଦ୍ୟାର୍ଥୀଙ୍କୁ ବୁଝାଇଥିଲେ। ଗୁରୁମା ଲୁସିମା ନାୟକ, ଜ୍ୟୋତିର୍ମୟୀ ମିଶ୍ର, ବିଶ୍ୱପ୍ରଭା ପଲେଇ, ବିକାଶ ସ୍ୱାଇଁ, ଦମୟନ୍ତୀ ଦାସ, ଗଙ୍ଗାଧର ପଳିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଦୁର୍ଯ୍ୟୋଧନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

### ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

**ତିହିଡ଼ି, ୨୪।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ତହସିଲ ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ଗଣେଶ୍ୱରପୁର ଗ୍ରାମବାସୀ ଗ୍ରାମରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ସୋମବାର ପୂର୍ବାହ୍ନରେ ତିହିଡ଼ି ତହସିଲ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ଧାରଣାକାରୀଙ୍କୁ ଭେଟି ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ଗଣେଶ୍ୱରପୁର ରାସ୍ତାକୁ ଜଣେ ବ୍ୟକ୍ତି ୨ବର୍ଷ ଧରି ଜବରଦଖଲ କରିଛନ୍ତି। ଗତ ଫେବୃୟାରୀ ମାସଠାରୁ ଗ୍ରାମବାସୀ ଏ ସମ୍ପର୍କରେ ତହସିଲଦାରଙ୍କ ସମେତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ରବିନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ରମାକାନ୍ତ ମହାଳିକ, ବ୍ରଜକିଶୋର ପଣ୍ଡା, ପ୍ରକାଶ ବେହେରା, ସବିତା ମହାଳିକ, ଲକ୍ଷ୍ମୀପ୍ରିୟା ବେହେରା, ଶୁଭସ୍ମିତା ମହାଳିକ ଓ କଳ୍ପମୋହନ ଉଦ୍‌ଗାତା ପ୍ରମୁଖ ଗ୍ରାମବାସୀ ଧାରଣା ଦେଇଥିଲେ।

# ସ୍ୱାବଲମ୍ବୀ କରିଛି ଗେଣ୍ଡୁଫୁଲ ଚାଷ

- ମିଳିନି ସରକାରୀ ପ୍ରୋତ୍ସାହନ
- ହାର ମାନିନାହାନ୍ତି ଶମ୍ଭୁନାଥ

**ପଦ୍ମପୁର, ୨୪।୧୨ (ଡି.ଏନ.ଏ.)**


ଶମ୍ଭୁନାଥଙ୍କ ଫୁଲ ବଗିଚା।

ବିନା ସରକାରୀ ପ୍ରୋତ୍ସାହନରେ ଗେଣ୍ଡୁ ଫୁଲ ଚାଷ କରି ହୋଇପାରିଛନ୍ତି ସ୍ୱାବଲମ୍ବୀ। ସେ ନିଜ ଉଦ୍ୟମରେ ଫୁଲ ଚାଷ କରି ସଫଳ ଚାଷୀ ହୋଇପାରିଛନ୍ତି। ଏଥିସହ ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। କୌଣସି ସରକାରୀ ପ୍ରୋତ୍ସାହନ ମିଳି ନ ଥିଲେ ବି ସେ ହାର୍ ମାନି ନାହାନ୍ତି। ଏହି ଯୁବ ଫୁଲ ଚାଷୀ ହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତ ବଛିପୁର ଗ୍ରାମର ଶମ୍ଭୁନାଥ ବେହେରା। ନିଜର ଇଚ୍ଛା ଓ ପରିଶ୍ରମ ତାଙ୍କୁ ରୋଜଗାରର ବାଟ ଦେଖାଇଛି ବୋଲି ଶମ୍ଭୁନାଥ କହିଛନ୍ତି।

ସେ କହନ୍ତି, ମାଟ୍ରିକ ପଢ଼ିସାରି ପରିବାର ପ୍ରତିପୋଷଣ ପାଇଁ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଦୂରରେ ରହିବାରୁ ପରିବାରକୁ ସମୟ ଦେଇପାରି ନ ଥିଲେ। ଅସୁବିଧା ହେବାରୁ ସେ ଗାଁକୁ ଚାଲିଆସିଥିଲେ। ଘରେ ବସିବା ଅପେକ୍ଷା ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରଥମେ ୨ ଗୁଣ୍ଠ ଜମିରେ ଗେଣ୍ଡୁ ଫୁଲ ଚାଷ ଆରମ୍ଭ କରିଥିଲେ। ତାଙ୍କ କହିବା ଅନୁସାରେ ଗେଣ୍ଡୁ ଚାରା ଲଗାଇବାର ୨ ମାସ ଭିତରେ ଫୁଲ ଫୁଟିଥାଏ। ଏହି ଫୁଲକୁ ତୋଳି ସେ ନିକଟସ୍ଥ ବେତଡ଼ା ବାସୁଦେବପୁର ବଜାରରେ ବିକ୍ରି କରିଥାନ୍ତି। ସ୍ଥାନୀୟ ଅଞ୍ଚଳରେ ବାହାଘର, ବ୍ରତଘର, ମେଳା, ପୂଜା ପାର୍ବଣ ହେଲେ ଫୁଲର ଚାହିଦା ବଢ଼ିଯାଏ। ସାଧାରଣତଃ ଫୁଲ ପାଇଁ ଅଞ୍ଚଳବାସୀ କଲିକତା ଉପରେ ନିର୍ଭର କରୁଥିବା ବେଳେ ଅଧିକ ଦାମ୍ ଦେଇ ଗରାଖ ଫୁଲ କିଣିଥାନ୍ତି। ଶମ୍ଭୁନାଥ ଫୁଲ କିଲୋ ପ୍ରତି ୪୦ରୁ ୫୦ ଟଙ୍କାରେ ବିକ୍ରି କରନ୍ତି। ଏଥିରୁ ସେ ମାସକୁ ୪ରୁ ୫ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି। ଏହି ଟଙ୍କାରେ ସେ ତାଙ୍କର ପରିବାର ଚଳାନ୍ତି। ବାପା, ମା', ସ୍ତ୍ରୀ ଓ ଏକମାତ୍ର ଝିଅକୁ ନେଇ ତାଙ୍କର ପରିବାର। ଅର୍ଥ ଅଭାବରୁ ଅଧିକ ଫୁଲ ଚାଷ ପାଇଁ ସେ ପାଣି ଯୋଗାଡ଼ କରିପାରୁନାହାନ୍ତି। ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଅଧିକ ଚାଷ କରି ଲାଭବାନ ହେବା ସହ ଅନ୍ୟ ଚାଷୀଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରନ୍ତେ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର


@ ପ୍ରକାଶ


@ ଟୁକୁନା


@ ପ୍ରଭାତ ବିଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଭିଡିଓ କନଫରେନ୍ସିଂରେ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**ଭଣ୍ଡାରିପୋଖରୀ, ୨୪।୧୨ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସି ଜରିଆରେ ସୋମବାର ଚଣ୍ଡିଖୋଲ-ଭଦ୍ରକ ୧୬ନମ୍ବର ଜାତୀୟ ରାଜପଥର ୬ ଥାକିଆ ରାସ୍ତା ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଜାତୀୟ ରାଜପଥ ପ୍ରାଧିକରଣ ଆନୁକୂଲ୍ୟରେ ଭଣ୍ଡାରିପୋଖରୀଠାରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜାତୀୟ ରାଜପଥ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ପି. ନାଗେଶ୍ୱର ରାଓଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ୭୪.୫ କି.ମି. ଏହି ରାସ୍ତା ଲାଗି ୧୫୨୨ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ମଧ୍ୟପ୍ରଦେଶର ଠିକାଦାର ଏହି କାମକୁ ହାତକୁ ନେଇ ୩ବର୍ଷ ମଧ୍ୟରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିବା ସେ ସୂଚନା ଦେଇଥିଲେ। ପରେ ପ୍ରଧାନମନ୍ତ୍ରୀ ମୋଦି ଖୋର୍ଦ୍ଧାଠାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ, ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ଶରତ ଦାସଙ୍କ ସମେତ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶଙ୍କର୍ଷଣ ଜେନା, ପ୍ରକାଶ ମହାପାତ୍ର, ନିର୍ମଳ କର, ବସନ୍ତ ରାଉତ, ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ, ପ୍ରଦୀପ ସାହୁ, ଜିଲା ଓ ବ୍ଲକସ୍ତରୀୟ ନେତୃବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଫ୍ଲାଏଓଭର ନିର୍ମାଣ ପାଇଁ ଦାବିପତ୍ର


ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ-ପାଳଦାବାଙ୍କ ମଧ୍ୟରେ ଫ୍ଲାଏଓଭର ନିର୍ମାଣ ପାଇଁ ଭଣ୍ଡାରିପୋଖରୀ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ୬ ଥାକିଆ ରାସ୍ତା ଶିଳାନ୍ୟାସ ଅବସରରେ ଭଣ୍ଡାରିପୋଖରୀଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆସିଥିବା ବେଳେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପାଳଦାବାଙ୍କ ରାସ୍ତା ଅତ୍ୟନ୍ତ ବିପଦସଙ୍କୁଳ। ଏହି ରାସ୍ତା ଭଦ୍ରକରୁ ଯାଜପୁର ସହରକୁ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶତାଧିକ ଯାନବାହାନ, ଜନସାଧାରଣ ଯାଜପୁର ଜିଲାକୁ ଯାତାୟାତ ପାଇଁ ନିର୍ଭର କରନ୍ତି। ସଂଯୋଗ ସ୍ଥାନରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଭଣ୍ଡାରିପୋଖରୀ ବଜାରଠାରୁ ପାଳଦାବାଙ୍କ ପର୍ଯ୍ୟନ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଆବଶ୍ୟକ ଥିବାରୁ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ନିଆଯିବାକୁ ଦାବି କରିଛନ୍ତି।

## ଧାରଣାରେ ଶତାଧିକ ଦିବ୍ୟାଙ୍ଗ ସାମିଲ

**ବାସୁଦେବପୁର, ୨୪।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଦିବ୍ୟାଙ୍ଗ ମଞ୍ଚ ପକ୍ଷରୁ ୧୪ ଦଫା ଦାବି ପୂରଣ ନେଇ ସୋମବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଏଥିସହ ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିରେ ଶତାଧିକ ଦିବ୍ୟାଙ୍ଗ ସାମିଲ ହୋଇ ଧାରଣାରେ ବସିଥିଲେ। ଭିନ୍ନକ୍ଷମଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତି, ଏସ୍ଏସ୍ଇପିଡି ନିଯୁକ୍ତି, ଡିଆର୍ଆଇ ଲୋନ ପ୍ରଦାନ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସର୍ବାଧିକ ୫୦ହଜାର ଟଙ୍କା ସହାୟତା ବୃଦ୍ଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏସିସିସି ଲିଷ୍ଟରେ ନାମ ରଖିବା, ଭିନ୍ନକ୍ଷମ ସ୍ୱୟଂସହାୟକ ଗୋଷ୍ଠୀକୁ ଲୋନ୍ ପ୍ରଦାନ, ସ୍ୱାସ୍ଥ୍ୟବୀମା କାର୍ଡ ଯୋଗାଣ, ସରକାରୀ ଚାକିରିରେ ନିଯୁକ୍ତି, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ସାମିଲ କରିବା, ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି ଏବଂ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସାଇକେଲ ପ୍ରଦାନ ଆଦି ଦାବି କରାଯାଇଛି। ଦିବ୍ୟାଙ୍ଗ ମଞ୍ଚ ସଭାପତି ଚନ୍ଦ୍ରକାନ୍ତ ନାୟକ, ସମ୍ପାଦକ କୃପାସିନ୍ଧୁ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶତାଧିକ ଦିବ୍ୟାଙ୍ଗ ବାଲିନଗର ଯାଦବ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଧାରଣାରେ ବସିଥିଲେ। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ବ୍ଲକ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା।

# ୨୬ରୁ ସମୂହ ଛୁଟିରେ ରାଜସ୍ୱ ଅଧିକାରୀ

**ଭଦ୍ରକ ଅଫିସ, ୨୪।୧୨**

**ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା**

ଦୀର୍ଘଦିନରୁ ଦାବି ପୂରଣ ହୋଇ ନ ଥିବାରୁ ବାଧ୍ୟ ହୋଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦେଇଛି ଓଡ଼ିଶା ରାଜସ୍ୱ ସେବା ସଂଘ। ପ୍ରଥମ ଶ୍ରେଣୀ ପାହ୍ୟାକୁ ପଦୋନ୍ନତି ଏବଂ ୭ମ ବେତନ କମିଶନର ସୁପାରିଶ ଆଧାରରେ ବେତନ ବିସଙ୍ଗତି ଓ ଅନ୍ୟାନ୍ୟ ଦାବିକୁ ନେଇ ଅତୀତରେ ରାଜସ୍ୱ ମନ୍ତ୍ରୀଙ୍କ ସହ ବହୁବାର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ପ୍ରମୁଖ ସଚିବ ଚନ୍ଦ୍ରଶେଖର କୁମାର ମଧ୍ୟ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ରାଜସ୍ୱ ସେବା ସଂଘ ସମ୍ପାଦକ ହିତାଂଶୁ ଶେଖର ସାମଲ କ୍ଷୋଭ ପ୍ରକାଶ କରିଛନ୍ତି। ସଭାପତି ପୁରନ୍ଦର ନନ୍ଦ ମଧ୍ୟ ସରକାରଙ୍କ ଏଭଳି ଟାଳଟୁଳ ନୀତିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଅତୀତରେ ସମସ୍ତ ଜିଲା କମିଟି ମତାମତ ଆଧାରରେ ଆସନ୍ତା ୨୬ ତାରିଖରୁ ସାରା ରାଜ୍ୟରେ କାର୍ଯ୍ୟରତ ୮୯୨ ଜଣ ରାଜସ୍ୱ ଅଧିକାରୀ ସମୂହ ଛୁଟିରେ ଯିବେ ବୋଲି ସୂଚନା ଦେଇଛନ୍ତି। ଅତୀତରେ କଳାବ୍ୟାଜ୍ ପିନ୍ଧିବା, ଭିଡିଓ କନଫରେନ୍ସ ବର୍ଜନ ଆଦି କରି ଶାନ୍ତିପୂର୍ଣ୍ଣ ଉପାୟରେ ପ୍ରତିବାଦ ପ୍ରଦର୍ଶନ କରିଥିଲା ସଂଘ। ଏଥର ସମୂହ ଛୁଟିରେ ଯିବାକୁ ସେ ଚେତାବନୀ ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ସମସ୍ତ ଅତିରିକ୍ତ ତହସିଲଦାର, ସହକାରୀ ଜିଲାପାଳ, ଉପନିବନ୍ଧକ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରୁଥିବା ରାଜସ୍ୱ ସେବା ଅଧିକାରୀମାନେ ରାଜ୍ୟ ସରକାରଙ୍କ ନିକଟରେ କେତେକ ଦାବି ରଖିଥିଲେ। ସମାନ କାମକୁ ସମାନ ଦରମା ନୀତି ମଧ୍ୟ କାର୍ଯ୍ୟକାରୀ ହେଉ ନ ଥିବାରୁ ପୁଞ୍ଜୀଭୂତ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଅଧିକାରୀମାନେ ଛୁଟିରେ ଚାଲିଗଲେ ଜମିଜମାର ଦାଖଲ ଖାରଜ, ପଟ୍ଟା ଓ ପ୍ରମାଣପତ୍ର ନିଗମନ ଆଦି ଅତ୍ୟାବଶ୍ୟକ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ସରକାର ଏହାର ବିଚାର କରି ସଂଘର ନ୍ୟାଯ୍ୟ ଦାବି ମାନି ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସୁଶାସନ ଦିବସ ଲାଗି ଭାଜପାର ପ୍ରସ୍ତୁତି

**ଧାମନଗର, ୨୪।୧୨ (ଡି.ଏନ.ଏ.)**

ଧାମନଗର ବ୍ଲକ ଭାଜପା ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ଉପଲକ୍ଷେ ମଙ୍ଗଳବାରଠାରୁ ଆସନ୍ତା ଜାନୁୟାରୀ ୨ ପର୍ଯ୍ୟନ୍ତ ପ୍ରତି ବୁଥ୍‌ରେ ସୁଶାସନ ଦିବସ ପାଳନ କରାଯିବ। ବୟାଙ୍ଗଡିହି ନୂଆହାଟ ମେଳନ ପଡ଼ିଆରେ ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଭାଜପାର ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ଯୋଗଦେଇ କହିଥିଲେ, କେନ୍ଦ୍ରରେ ମୋଦି ସରକାର ବିପୁଳ ଆର୍ଥିକ ଅନୁଦାନ ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ବିକାଶ ତାଲିକାରେ ଓଡ଼ିଶା ପଛରେ ରହିଛି ବୋଲି ସେ ଆକ୍ଷେପ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ ଅଧ୍ୟକ୍ଷତା କରିଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ବିସ୍ତାରକ ବିମ୍ବାଧର ସାହୁ, ଜିଲା ପରିଷଦ ସଭ୍ୟ ଭାବେ ମନୋରଞ୍ଜନ ମଲ୍ଲିକ, ସୁରଥ ସେଠୀ, ରଞ୍ଜିତା ସ୍ୱାଇଁ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁ, ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, ସଦାଶିବ ପୋଥାଳ ଓ ଅଜୟ ବଳ ପ୍ରମୁଖ ଯୋଗ ଦେଇଥିଲେ। ଧାମନଗର ବ୍ଲକର ୧୮୧ ବୁଥ୍‌ର ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ସହପ୍ରମୁଖ ଏବଂ ବିଭିନ୍ନ ମୋର୍ଚ୍ଚାର ପଦାଧିକାରୀ ସମେତ ସରପଞ୍ଚ ଡା. ନିମାଇଁ ନାୟକ, ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ନିଶା ନିବାରଣ ଅଭିଯାନରେ ଛାତ୍ରୀଛାତ୍ର ସାମିଲ ହୁଅ'

**ଭଦ୍ରକ ଅଫିସ, ୨୪।୧୨**

ଭଦ୍ରକ ରୟାଲ କଲେଜ ପରିସରରେ ମିଳିତ ଓ ନିଶା ନିବାରଣ ଅଭିଯାନର ଜିଲା କମିଟି ପକ୍ଷରୁ ନିଶା ବିରୋଧୀ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ପାଦକ ରଞ୍ଜିତ କୁମାର ନାୟକ ସଂଯୋଜନା କରିଥିଲେ। ଜିଲା ସଭାପତି ଆଇନଜୀବୀ ନିରାକାର ଜେନା ଓଡ଼ିଶାକୁ ମଦମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ତଥା ପ୍ରଗତିଶୀଳ ସାହିତ୍ୟ ପରିଷଦ ଅଧ୍ୟକ୍ଷ ଗିରିଧାରୀ ନାଥ ଯୋଗଦେଇ ନିଶା ନିବାରଣ ଅଭିଯାନରେ ଛାତ୍ରୀଛାତ୍ର ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ରୟାଲ କଲେଜର ଛାତ୍ରୀଛାତ୍ର ସଭାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପାର୍ଥସାରଥୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ଚିତ୍ରକଳା କୌଶଳ ତାଲିମ

**ଭଣ୍ଡାରିପୋଖରୀ, ୨୪।୧୨ (ଡି.ଏନ.ଏ.)**


ଚିତ୍ରକଳା କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ତ୍ରିଦିବସୀୟ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ଚିତ୍ରକଳା କୌଶଳ ତାଲିମ ପ୍ରଦାନ କରାଯାଉଛି। ସୋମବାର ଦ୍ୱିତୀୟ ଦିବସରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଶୋକ କୁମାର ମହାନ୍ତି 'କ' ବିଭାଗର ପିଲାଙ୍କୁ ପେଣ୍ଟିଂ ଉପରେ କୌଶଳ ଶିକ୍ଷା ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ରବୀନ୍ଦ୍ର ନାଥ ସାହୁ 'ଖ' ବିଭାଗର ପିଲାଙ୍କୁ ରଙ୍ଗ ସଂଯୋଜନା କୌଶଳ, ଆଲୋକ ପ୍ରତିଫଳନ ଉପରେ ଆଲୋକପାତ କରିଥିଲେ। 'ଗ' ବିଭାଗରେ ଶିଳ୍ପୀ ପଦ୍ମନାଭ ରାୟ, ବିଶିଷ୍ଟ ଶିଳ୍ପୀ ରତିକାନ୍ତ ଦାଶ କୋଲାଜ ଆର୍ଟ ଉପରେ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ଚିତ୍ତରଞ୍ଜନ ନାୟକ, ନାରାୟଣ ଚନ୍ଦ୍ର ବୋଇତାଇ, ରାଜବଲ୍ଲଭ ସାହୁ, ପ୍ରଧାନଆଚାର୍ଯ୍ୟ ତପନ କୁମାର ସାହୁ ଓ ଗୁରୁମାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କିଶୋର ଚନ୍ଦ୍ର ଦାସ, ମମତା ନାୟକଙ୍କ ଯୁଗ୍ମ ସଂଯୋଜନାରେ କାର୍ଯ୍ୟକ୍ରମ ସମ୍ପାଦନା ହୋଇଥିଲା। ଏହି କର୍ମଶାଳାରେ ବାହ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ନାଆଁମୀ ମହାବିଦ୍ୟାଳୟ ଛାତ୍ରୀ ଅନ୍ନପୂର୍ଣ୍ଣା ପୁଷ୍ଟିଆଙ୍କ ସୁନ୍ଦର ସାଜସଜ୍ଜା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନାଆଁମୀ ମହାବିଦ୍ୟାଳୟ ଅଧ୍ୟାପକ ବିନାୟକ ଘୋଷ ଧନ୍ୟବାଦ ଦେଇଥିଲେ।

## 'ସାମୂହିକ ଉଦ୍ୟମରେ ଦୁର୍ନୀତି ବିଲୋପ ସମ୍ଭବ'

**ଭଦ୍ରକ ଅଫିସ, ୨୪।୧୨**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ ପରିସରରେ ସୋମବାର ଜାତୀୟ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଜିଲା ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ତରଫରୁ ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଲାପାଳ ଦାସ କହିଥିଲେ, ସାମୂହିକ ଭାବେ ଉପଭୋକ୍ତାମାନେ ନିଜ ଅଧିକାର ଜାଣିଲେ ହିଁ ସଚେତନ ହୋଇପାରିବେ ଓ ଅନେକାଂଶରେ ଦୁର୍ନୀତି ଓ ଠକେଇ ନିୟନ୍ତ୍ରଣ ହୋଇପାରିବ। ସାମୂହିକ ଉଦ୍ୟମରେ ଦୁର୍ନୀତି ବିଲୋପ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉପଭେକ୍ତାମାନେ କିଭଳି ଠକେଇଠାରୁ ଦୂରେଇ ରହିବେ ସେ ଉପରେ ଜିଲାପାଳ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ, ଜିଲା ଓଜନ ଓ ମାପ ବିଭାଗର ସହକାରୀ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ରାଜ୍ୟ ଉପଭୋକ୍ତା ମହିଳା ମହାସଂଘର ସମ୍ପାଦିକା ବନିତା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବହୁ ମହିଳା ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ ଜ୍ଞାନରଞ୍ଜନ ଦାଶ ଓ ଅନ୍ୟମାନେ।

## କଳା ଶିକ୍ଷକ ପଦ୍ମନାଭ ସମ୍ବର୍ଦ୍ଧିତ

**ବନ୍ତ, ୨୪।୧୨ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଲୋକକଳା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାରେ ଆଗରପଡ଼ାର ବାଲୁକା ଶିଳ୍ପୀ ତଥା କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କୁ ଭଦ୍ରାୟନୀ ତରଫରୁ ଜିଲାସ୍ତରୀୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାଶ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅତିରିକ୍ତ ଜିଲାପାଳ ଶ୍ୟାମାଭକ୍ତ ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମନାଭ ବନ୍ତ ବ୍ଲକ ପୁରୁଷଣ୍ଡି ନୋଡାଲ ଉ.ପ୍ରା. ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ 'ଭଦ୍ରାୟନୀ'ରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଓ ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ବିଗ୍ରହ ବାଲୁକା କଳା ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ତାଙ୍କର ଉକ୍ତ କଳାକୃତିକୁ ପଲ୍ଲିଶ୍ରୀ ମେଳା ବୁଲିବାକୁ ଆସିଥିବା ହଜାର ହଜାର ଦର୍ଶକ ଉଚ୍ଚ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### 'ପରମ୍ପରା ଅକ୍ଷୁର୍ଣ୍ଣ ରହିଲେ ଅଗ୍ରଗତି ହୁଏ'

**ବଡ଼ସାହି,୨୪।୧୨(ସ୍ୱ.ପ୍ର):** ସଂସ୍କାରମୂଳକ ଶିକ୍ଷା ଶିଶୁଙ୍କୁ ସୁନାଗରିକ ଗଢି ତୋଳିଥାଏ। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲର ବାର୍ଷିକ ଉତ୍ସବରେ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ଦେବବ୍ରତ ବାରିକ ଓ ମୁଖ୍ୟବକ୍ତାଭାବେ ଶ୍ରୀରାମଚନ୍ଦ୍ର କଲେଜ ଅଧୀକ୍ଷକ ରାମଚନ୍ଦ୍ର ଦାସ ଉପସ୍ଥିତ ରହି ସଂସ୍କୃତି ଓ ପରମ୍ପରା ଅକ୍ଷୁର୍ଣ୍ଣ ରହିଲେ ସମାଜର ଅଗ୍ରଗତି ହୋଇଥାଏ। ପିଲାଙ୍କୁ ଗଢିତୋଳିବା ଦାୟିତ୍ୱ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ । ଗୁଣାତ୍ମକ ଶିକ୍ଷା ଦ୍ୱାରା ବ୍ୟକ୍ତିତ୍ୱ ନିର୍ମାଣ ହୁଏ । ସଂସ୍କାର ହିଁ ଶିକ୍ଷାର ପ୍ରକୃତ ମାନଦଣ୍ଡ ହୋଇଥିବାରୁ ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ । ବ୍ଲକ ସ୍ତରରେ ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ଓ ୩ୟ ଓ ୫ମ ସରକାରୀ ମେଧାବୃତ୍ତି ପାଇଥିବା ୮ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବାର୍ଷିକ କ୍ରୀଡ଼ାରେ ୧୧୨ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

**ବିଶୋଇ,୨୪।୧୨(ଡି.ଏନ.ଏ.):** ବିଶୋଇ ବ୍ଲକ ଅନ୍ତର୍ଗତ ଅଶନାସ୍ଥିତ ଖଡିଆଶଳଠାରେ ଥିବା ଗୌରୀଶଙ୍କର ମହାବିଦ୍ୟାଳୟ ପରିସରରେ ଗତ ୧୨ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିର ସମାପ୍ତ ପରେ ମହାବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଯୋଜକ ବିଶ୍ୱରଞ୍ଜନ ସିଂଦେଓ ସଭା ସଂଯୋଜନା କରିଥିବା ବେଳେ କଲେଜର ଅଧାପକ ଛାୟାକାନ୍ତ ଗିରି,ପ୍ରଦୀପ ସାହୁ,ଶିବାଜୀ ମହାନ୍ତ,କ୍ଷୀରଦ ଚନ୍ଦ୍ର ଗିରି,ସୁମନ୍ତ କର କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀକାନ୍ତ ଗିରି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରଶିକ୍ଷିକା ଛିତାମଣି ଟୁଡୁ ଓ ବବିତା ମଣ୍ଡଳ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପରିଶେଷରେ ଉପସ୍ଥିତ ଅତିଥିମାନେ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ଅଧାପକ ଦୀପକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

### ୧୧୯ ଅଭିଯୋଗର ଶୁଣାଣି

**ଉଦଳା, ୨୪।୧୨(ଡି.ଏନ.ଏ.):** କପ୍ତିପଦା ଉପଖଣ୍ଡ ନିମନ୍ତେ ସୋମବାର ଜିଲାପାଳ ଏବଂ ଏସ୍.ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ ସମୁଦାୟ ୧୧୯ ଗୋଟି ଅଭିଯୋଗର ଶୁଣାଣି କରିଥିଲେ । ଏଥିମଧରୁ ୧୦୦ ଗୋଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବା ବେଳେ ୧୯ ଟି ସାମୂହିକ, ୫ ଗୋଟି ରେଡକ୍ରସ୍ ଏବଂ ୫ ଗୋଟି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ସମ୍ବନ୍ଧୀୟ ଥିଲା । ଏହି ଶିବିରରେ ଉଦଳା ଏନଏସି ପକ୍ଷରୁ ମନୋନୀତ ୬ କଳାକାରଙ୍କ ମଧରୁ ୪ ଜଣଙ୍କୁ ଜିଲାପାଳ କଳାକାର ଭତ୍ତା ପ୍ରଦାନ କରିଥିଲେ । ଶିବିରରେ ଅନ୍ୟମାନଙ୍କ ମଧରେ ଉପଜିଲାପାଳ ଭଗବାନ ବେହେରା, ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ରହ୍ମାନନ୍ଦ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ବାରିପଦା ଅଫିସ,୨୪।୧୨:** ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ରହ୍ମାନନ୍ଦ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ.ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତଚନ୍ଦ୍ର ନାୟକ , ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବରିଷ୍ଠ କବି ଡ.ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଅଜିତ କୁମାର କବାଟ ଓ କବୟିତ୍ରୀ ହାରାମଣି ଦଳେଇ ଯୋଗଦେଇଥିଲେ। ପ୍ରାରମ୍ଭରେ ଆବାହକ ଡ.ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଶଶିଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ବରିଷ୍ଠ କବି ଡ.ନୀଳକଣ୍ଠ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର କର୍ମକର୍ତ୍ତା ଭାବେ ଡ.ସରୋଜ କୁମାର ନାୟକ ସଭାପତି, ହୀରାମଣି ଦଳେଇ ଉପସଭାପତି, ଅମିତାଭ ମିଶ୍ର ସମ୍ପାଦକ,ଡ.ସୁମନ ପ୍ରଭା ନାୟକ ଯୁଗ୍ମ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି।

# 'ଆମ ରାଜ୍ୟ ଫେରାଇ ଦିଅ'

**ବାରିପଦା ଅଫିସ,୨୪।୧୨**



ବୈଠକରେ ଉପସ୍ଥିତ ରାଜ୍ୟ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ବୃନ୍ଦ।

**ମୟୂରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି**
- ୨୬ରେ ଜିଲା ବନ୍ଦ ଡାକରା
- ମିଶ୍ରଣ ଚୁକ୍ତି ସାର୍ବଜନୀନ କରାଯାଉ
- ଜିଲା ବିଭାଜନ ହେବ ନାହିଁ- ଜିଲାପାଳ

ମୟୂରଭଞ୍ଜ ଜିଲାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ସହ ୧୯୪୯ ମସିହା ଜାନୁୟାରୀ ପହିଲାରେ ରାଜ୍ୟ ସରକାରଙ୍କ ସହ ହୋଇଥିବା ମିଶ୍ରଣ ଚୁକ୍ତି ସାର୍ବଜନିନ କରିବାକୁ ଦାବି ହେଉଛି। ଏଥିନିମନ୍ତେ ମୟୂରଭଞ୍ଜ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୬ ତାରିଖରେ ୧୨ ଘଣ୍ଟିଆ ମୟୂରଭଞ୍ଜ ଡାକରା ଦିଆଯାଇଛି।

କିଛି ଦିନ ହେବ କେତେକ ନିର୍ଦ୍ଦିଷ୍ଟ ଗଣମାଧମ ଓ ସୋସିଆଲ ମିଡିଆରେ ମୟୂରଭଞ୍ଜ ଜିଲାକୁ ଦୁଇ ଭାଗରେ ବିଭକ୍ତ କରାଯିବା ନେଇ ଚର୍ଚ୍ଚା ହେଉଛି। ଏହାକୁ ଜିଲାର ବିଭିନ୍ନ ମହଲରେ ବିରୋଧ କରାଯିବା ସହ ମୟୂରଭଞ୍ଜ ଜିଲାକୁ ବିଭକ୍ତ କରା ନ ଯିବା ପାଇଁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ବଡବଜାରସ୍ଥିତ କିଚକେଶ୍ୱରୀ ମନ୍ଦିରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସାମାଜିକକର୍ମୀଙ୍କ ଉପସ୍ଥିତିରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆମ ରାଜ୍ୟକୁ ବିଭକ୍ତ ନ କରି ଆମକୁ ଫେରାଇ ଦିଅ ବୋଲି ଦାବି କରାଯାଇଥିଲା। ନଚେତ ପରିଣାମ ଭୟାବହ ହେବା ସହ ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି ମୟୂରଭଞ୍ଜ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କଠାରେ ସାମୂହିକ ଭାବେ ଶପଥ କରାଯାଇଥିଲା।

ପ୍ରକାଶ ଯେ ମୟୂରଭଞ୍ଜ ଗଡଜାତ ରାଜ୍ୟ ୧୯୪୮ ମସିହା ଅକ୍ଟୋବର ୧୭ ତାରିଖରେ ୟୁନିୟନ ଅଫ ଇଣ୍ଡିଆରେ ମିଶ୍ରଣ ହୋଇଥିଲା। ଏହାପରେ ୧୯୪୯ ମସିହା ଜାନୁୟାରୀ ପହିଲାରେ ଏହା ଓଡିଶା ରାଜ୍ୟରେ ବିଲୀନ ହୋଇଥିଲା। ସେତେବେଳେ ମୟୂରଭଞ୍ଜ ରାଜ୍ୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ ଚାଲିଥିଲା। ଏହି ମିଶ୍ରଣ ବେଳେ ମୟୂରଭଞ୍ଜ ରାଜା ମୟୂରଭଞ୍ଜର ବିକାଶ ପାଇଁ କେତେକ ଚୁକ୍ତି କରିଥିଲେ। ହେଲେ ଏବେ କିନ୍ତୁ ଉକ୍ତ ଚୁକ୍ତିପତ୍ର କାହା ପାଖରେ ଅଛି ସେ ନେଇ କିଛି ସୂଚନା ନାହିଁ। ଚୁକ୍ତି ଅନୁସାରେ ରାଜ୍ୟରେ କୌଣସି ସ୍ୱତନ୍ତ୍ର ପ୍ରକଳ୍ପ ଆସିଲେ ମୟୂରଭଞ୍ଜ ଜିଲା କଥା ପ୍ରଥମେ ବିଚାରକୁ ନିଆଯିବ। ମୟୂରଭଞ୍ଜକୁ ସ୍ୱତନ୍ତ୍ର ପ୍ୟାକେଜ ମଧ ପ୍ରଦାନ କରାଯିବ। ହେଲେ ରାଜ୍ୟ ତଥା କେନ୍ଦ୍ର ସରକାର ଏହି ଚୁକ୍ତିକୁ ଖିଲାପ କରୁଥିବା ବେଳେ ଏହି ଚୁକ୍ତିକୁ ସାର୍ବଜନୀନ କରିବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ଏଣୁ ଏବେ ମୟୂରଭଞ୍ଜ ଜିଲାକୁ ପୁଣି ଥରେ ସ୍ୱତନ୍ତ୍ର ରାଜ୍ୟ ଘୋଷଣା କରାଯିବା ପାଇଁ ଦାବି ହୋଇଛି। ସାମାଜିକ କର୍ମୀ ଅଭିଜିତ ରାମଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଜିଲା ଯୁବ କଂଗ୍ରେସ ସଭାପତି ରାକେଶ ସିଂ, କଂଗ୍ରେସ ନେତା ଜ୍ୟୋତିପ୍ରକାଶ ରଥ, ଶିବ ରାଉତ, ପୂର୍ବତନ ନଗରପାଳ ଦୀନକୃଷ୍ଣ, ଶରତ ଚନ୍ଦ୍ର ନାୟକ, ଭାନୁମିତ୍ର ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ସହିତ ଆଲୋଚନା କରିବାରୁ ମୟୂରଭଞ୍ଜ ଜିଲାକୁ ଦୁଇ ଭାଗରେ ବିଭାଜନ କରିବା ନେଇ ସରକାରୀ ସ୍ତରରେ କୌଣସି ସୂଚନା ନାହିଁ। କିଛି ନିର୍ଦ୍ଦିଷ୍ଟ ଗଣମାଧମରେ ଏ ନେଇ ଖବର ପ୍ରକାଶ ପାଇଛି। ହେଲେ ଏହାର କିଛି ସତ୍ୟତା ନାହିଁ। ସରକାରୀ ସ୍ତରରେ ଜିଲା ପ୍ରଶାସନକୁ ଏ ନେଇ କିଛି ତଥ୍ୟ ମଗାଯାଇ ନାହିଁ ବୋଲି ଜିଲାପାଳ କହିଛନ୍ତି।

# ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

**ବଡ଼ସାହି,୨୪।୧୨(ସ୍ୱ.ପ୍ର.)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବଡ଼ସାହି ବ୍ଲକ ବୀରେଶ୍ୱରପୁର ହାଇସ୍କୁଲ ପରିସରରେ ଚାଲିଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଡ.ପ୍ରଜ୍ଞାପରମିତା ଜେନା, ମୁଖ୍ୟବକ୍ତା ଭାବେ ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ସନାତନ ଜେନା, ସଦସ୍ୟ ବଳରାମ ଦାସ, ରାଜ୍ୟ ସମ୍ପାଦକ ଭରତ ଚନ୍ଦ୍ର ବଗାଳ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ୧୪ଟି ବ୍ଲକରୁ ୧୪୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ହୋଇଥିବା ୧୦ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ବେଳେ ସଂଘ ପକ୍ଷରୁ ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ଜଣାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଷ୍ଟା ଜିଲା ଉପସଭାପତି ତଥା ବୀରେଶ୍ୱରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କାସ୍ତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଇଓ ଲକ୍ଷ୍ମଣ କୁମାର ବିନ୍ଧାଣୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ବଡ଼ସାହି ବିଇଓ ଦେବବ୍ରତ ବାରିକ, ସଦସ୍ୟ ନରୋତ୍ତମ ଆଚାର୍ଯ୍ୟ, ବଳରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବାଧିକ ପୁରସ୍କାର ଗ୍ରହଣ କରିଥିବା କପ୍ତିପଦା ବ୍ଲକକୁ ଚାମ୍ପିୟନ ସିଲ୍ଡ ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ଅନନ୍ତ କର ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଥିଲେ । ଦକ୍ଷ ସଙ୍ଗଠକ ଭାବେ କିଶୋର କୁମାର ଆଚାର୍ଯ୍ୟ, ଅଜୟ କୁମାର ପାଳ, ବିଜୟ କୁମାର ମହାନ୍ତଙ୍କୁ କୃତୀ ଶିକ୍ଷକ ଭାବେ ମାନପତ୍ର ଓ ଉପାୟନ ପ୍ରଦାନ କରାଯାଇଛି। ଜିଲା ସଙ୍ଗଠନର ସମ୍ପାଦକ ବିଜୟ କୁମାର ପାଣିଗ୍ରାହୀ, ନୃସିଂହ ମହାନ୍ତି, ବିଜୟ ପଣ୍ଡିତ, ଚିତ୍ତରଞ୍ଜନ ପାଳତା, କୋକିଳ ଚନ୍ଦ୍ର ମହାନ୍ତ, ସମୀର କୁମାର ମାଇତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ବ୍ଲକ ଉପସଭାପତି ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି ।



ସଭାରେ ଉପସ୍ଥିତ ମୁଣ୍ଡାରୀ ସମାଜର ପ୍ରତିନିଧିବୃନ୍ଦ।

# 'ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କର'

**ବାରିପଦା ଅଫିସ,୨୪।୧୨**

ମୁଣ୍ଡାରୀ ଭାଷା ଓ ଲିପିର ସ୍ୱୀକୃତି ପାଇଁ ୨୦ ବର୍ଷ ହେବ ଦାବି ହୋଇ ଆସୁଥିବାବେଳେ ଏହାକୁ ସରକାରୀ ସ୍ୱୀକୃତି ମିଳିପାରୁ ନାହିଁ। ଦିଲ୍ଲୀ ତଥା ବିଭିନ୍ନ ରାଜ୍ୟରେ ଏହି ଦାବିକୁ ନେଇ ମହାସମାବେଶମାନ ଅନୁଷ୍ଠିତ ହୋଇଆସୁଛି। ଏହାସତ୍ତ୍ୱେ ମିଳୁନି ସୁଫଳ। ଅଖିଳ ଭାରତୀୟ ମୁଣ୍ଡାରୀ ଭାଷା କାର୍ଯ୍ୟକାରୀ କମିଟି ପକ୍ଷରୁ ଆୟୋଜିତ ଆନ୍ତଃରାଜ୍ୟ ପ୍ରତିନିଧି ସଭାରେ ଏନେଇ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି। ଭାରତ ମୁଣ୍ଡା ସମାଜର ଓଡ଼ିଶା ରାଜ୍ୟ ସଭାପତି ରବୀନ୍ଦ୍ରନାଥ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଶ୍ରୀନାଥ ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସର୍ବପୁରାତନ ଆଦିବାସୀ, ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇ ନ ଥିବାରୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହାଛଡ଼ା ମୁଣ୍ଡାରୀ ବାନୀ ଲିପିରେ ଉପରୋକ୍ତ ରାଜ୍ୟମାନଙ୍କରୁ ଚଳିତ ବର୍ଷ ୮ହଜାରରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ସରକାର ମୁଣ୍ଡାରୀ ଭାଷାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରିବା ସାଙ୍ଗକୁ ମୁଣ୍ଡାରୀ ଶିକ୍ଷକ ନିଯୁକ୍ତି କରିଛନ୍ତି ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ସୁପାରିସ କରିଛନ୍ତି। ଏହାସତ୍ତ୍ୱେ ମୁଣ୍ଡାରୀ ଭାଷା ଓ ଲିପିକୁ ସ୍ୱୀକୃତି ମିଳି ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

### ସୁସ୍ଥ ପରିବେଶ ଗଠନକୁ ଗୁରୁତ୍ୱ

**କୁଆମରା,୨୪।୧୨**

ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଆମରା ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଦୁନାଥ ମହାନ୍ତି, ମୁଖ୍ୟବକ୍ତା କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧାପକ ଅଶ୍ୱିନୀ କୁମାର ପ୍ରଧାନ, ସମନ୍ୱିତ ଅତିଥି ଭାବେ ଶିକ୍ଷାବିତ୍ କାଶୀନାଥ ପାତ୍ର, ପଦ୍ମଲୋଚନ ବିଶ୍ୱାଳ, ଚିରୋମଣୀ ମହାପାତ୍ର ଓ ପଶୁପତି ବେହେରା ଯୋଗଦେଇ ଶିକ୍ଷା ସହ ସୁସ୍ଥ ପରିବେଶ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ଅସିମ ସରକାର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।

# କୃଷକ ସମ୍ପର୍କ ମେଳା



କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଅଞ୍ଚଳବାସୀ।

**ଭଞ୍ଜକିଆ, ୨୪।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକର ଗୋଡାପଳସା ପଞ୍ଚାୟତ ବିଶିଦା ଗ୍ରାମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମୟୂରଭଞ୍ଜ ଆନୁକୂଲ୍ୟରେ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। କୃଷକ ତଥା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନୂତନ ପଦ୍ଧତିରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯଶିପୁର ବିଧାୟକ ମଙ୍ଗଲସିଂ ମୁଦି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତି ଭାବେ ଯଶିପୁର ଜିଲା କୃଷି ଅଧିକାରୀ ନନ୍ଦକିଶୋର ସିଂ, ବ୍ଲକ ଅଧକ୍ଷା ପଙ୍କଜିନୀ ନାଏକ, ସରପଞ୍ଚ ମେନକା ନାୟକ, ସମିତିସଭ୍ୟ ମିତ୍ରଭାନୁ ନାଏକ, କରଞ୍ଜିଆ କୃଷି ଜିଲା ଅଧିକାରୀ ଅଭିମନ୍ୟୁ ଅଣ୍ଡିଆ, ବାରିପଦା ଶସ୍ୟ ସଂରକ୍ଷଣ ଅଧିକାରୀ ଡ. ମନୋଜ ଚାନ୍ଦ, କୃଷି ଯନ୍ତ୍ରୀ ଲଳିତା ସି, ଉଦ୍ୟାନ ବିଭାଗ ଏଏଚ୍‌ଓ ଲକ୍ଷ୍ମୀପ୍ରିୟା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ସରକାରଙ୍କ 'କାଳିଆ' ଯୋଜନା ସମ୍ପର୍କରେ ଉପସ୍ଥିତ କୃଷକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା।

# ପିସି କାରବାର ବିରୋଧରେ ବିକ୍ଷୋଭ

**ବିଶୋଇ,୨୪।୧୨(ଡି.ଏନ.ଏ.)**




ପିସି ଦୁର୍ନୀତି ଓ ବେରୋଜଗାର ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ।

ଯୁବକଙ୍କୁ ରୋଜଗାର ଯୋଗାଇବା ଓ ପିସି କାରବାର ବିରୋଧରେ ସାରସକଣା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶୋଇ ବ୍ଲକର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ସାରସକଣା ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ଯୁବମୋର୍ଚ୍ଚା ସଭାପତି ପ୍ରବୀଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଉତ୍ତମ କୁମାର ଦାସ , ରଞ୍ଜନ କବାଟ, ସନ୍ଦୀପ ମହାନ୍ତ, ବଂଶୀଧର ଦାସ, ଉମାକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନ ନିମନ୍ତେ ଦଳକୁ ତୃଣମୂଳ ସ୍ତରରେ କିପରି ସୁଦୃଢ଼ କରିବା ଏଥିରେ ଆଲୋଚନା କରାଯାଇଥିଲା ।

# ପେସା ଆଇନକୁ ନେଇ ବୈଠକ

**ବଡ଼ସାହି,୨୪।୧୨(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ଭଣ୍ଡାରୀକୁଳା ଗ୍ରାମ ରଙ୍ଗପଡିଆରେ ପେସା ଆଇନ ସମ୍ପର୍କରେ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ। ପେସା ଆଇନର ଆନ୍ଦୋଳନକାରୀ ରାଜ୍ୟ ସଭାପତି ପାଣ୍ଡୁରାମ ହେମ୍ବ୍ରମ, ସମ୍ପାଦକ ସୁନାରାମ ସରେନ, ପୂର୍ଣ୍ଣଚନ୍ଦ୍ର ହାଁସଦା ଉପସ୍ଥିତ ରହି 'ପେସା' ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ଦାବି ହୋଇଛି ।

# ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଯାପିତ

**ବାରିପଦା ଅଫିସ,୨୪।୧୨**

ବାରିପଦାସ୍ଥିତ ଛଉ ପଡ଼ିଆଠାରେ ଗତ ୧୪ତାରିଖରୁ ଆରମ୍ଭ ହୋଇଥିବା ସପ୍ତମ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ରାଜ୍ୟସ୍ତରୀୟ କବିତା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୀଣାପାଣି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁରର ବରିଷ୍ଠ କବୟିତ୍ରୀ ବୀଣାପାଣି ରାୟଗୁରୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ କବି ସ୍ନେହାଶିଷ ମହାନ୍ତି ଏବଂ କବୟିତ୍ରୀ ରହିମା ନିଶା ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୟୂରଭଞ୍ଜ ପୁସ୍ତକମେଳାର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଇଂ ମନୋଜ ଦଳବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଖବରଦାତା ବିଜୟ କୁମାର ଅଗ୍ରୱାଲା, ମୁଖ୍ୟବକ୍ତା ଭାବେ ବିବେକାନନ୍ଦ ଶିକ୍ଷାଶ୍ରମର ଅଧକ୍ଷା ବୀଣାପାଣି ଦାଶ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ନାଟ୍ୟ ସଂସ୍ଥାର ଉପଦେଷ୍ଟା ଧୀର ବଶା, ବିଶେଷ ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟପ୍ରେମୀ ଦାଶରଥି ସୋରେନ ଯୋଗଦେଇଥିଲେ। ଏହି ଅବସରରେ ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କୁ ମୟୂରଭଞ୍ଜ ପୁସ୍ତକମେଳା ସମ୍ମାନ ଏବଂ ବଡ଼ସାହି ବାଣୀପୀଠର ସମ୍ପାଦକ ଡ.କୁମାର ବାବୁଲିଙ୍କୁ ଭଞ୍ଜଦୂତ ବିତନୁ ନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ପ୍ରଦୀପ୍ତ କବିଙ୍କୁ ମୟୂରଭଞ୍ଜ ପୁସ୍ତକମେଳା ଫିଚର ପୁରସ୍କାର,ସଂଘମିତ୍ରା ରାୟଗୁରୁଙ୍କୁ ମୟୂରଭଞ୍ଜ ପୁସ୍ତକମେଳା କବିତା ପୁରସ୍କାର,ମାତୃଦତ୍ତ ମହାନ୍ତିଙ୍କୁ ମୟୂରଭଞ୍ଜ ପୁସ୍ତକମେଳା ଗଳ୍ପ ପୁରସ୍କାର, ଅନସୂୟା ମହାରଣାଙ୍କୁ ମୟୂରଭଞ୍ଜ ପୁସ୍ତକମେଳା ଶିଶୁ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରୋଜଗାରର ରାହା ଦେଖାଇଛି 'ଲେମନ ଟି'

**ଖୁଣ୍ଟା,୨୪।୧୨(ଡି.ଏନ.ଏ.)**



ଦେବରାଜ ଖୁଣ୍ଟା ବଜାରରେ ବୁଲି ଲେମନ ଟି ବିକ୍ରି କରୁଛନ୍ତି।

ଶୀତୁଆ ସକାଳେ ବିଛଣା ଛାଡ଼ିଲେ ଦରକାର ପଡ଼େ ଗରମାଗରମ ଚା' କପେ। ନ ହେଲେ ଦିନ ସାରା ଖରାପ ହୋଇଯାଏ ମୁଡ୍। ଚା' କପେ ନ ହେଲେ ଅଳସ ଭାଙ୍ଗେ ନାହିଁ ବୋଲି କୁହନ୍ତି ବାରଡାଙ୍ଗୁଆ ଗ୍ରାମର ଭବେଶ୍ୱର ମହଲା । ଅନ୍ୟ ଦିନ ଅପେକ୍ଷା ଶୀତ ଦିନେ କିନ୍ତୁ ଥରକୁ ଥର ଏହା ଦରକାର ପଡ଼େ । ଲୋକଙ୍କ ଏହି ପ୍ରବୃତ୍ତିକୁ ପରଖି ଖୁଣ୍ଟା ବଜାରରେ ସେମାନଙ୍କ ପାଖରେ ପହଞ୍ଚିଯାନ୍ତି ଲେମନ ଟି ବାଲା ଦେବରାଜ ମଣ୍ଡଳ ।

ଗୋଟିଏ ହାତରେ ଜଳନ୍ତା ଷ୍ଟୋଭରେ ବସିଥିବା ଚା କେଟିଲ ଓ ଅନ୍ୟ ହାତରେ ଗୋଟିଏ ବାଲଟିରେ ଥିବା ଇଉଜ ଥ୍ରୋ କପ ,ଲେମ୍ବୁ ଓ ପାଣିବୋତଲ। ଦୋକାନରେ ଗ୍ରାହକଙ୍କ ଭିଡ଼ ହେଉ କିମ୍ବା ରାସ୍ତା ପାର୍ଶ୍ୱ ଖଟି , ଲେମନ ଟି ଡାକ ମାରି ପହଞ୍ଚି ଯାଆନ୍ତି ଦେବରାଜ ମଣ୍ଡଳ । ଫୁଟନ୍ତା ନାଲି ଚାରେ ଲେମ୍ବୁ ରସ ଦି ଠୋପା ଚିପୁଡିବା ସହିତ ବିଭିନ୍ନ ପ୍ରକାର ଗୁଣ୍ଡ ମସଲା ପକାଇ ଗ୍ରାହକ ହାତକୁ ବଢ଼ାଇ ଦିଅନ୍ତି । ଦାମ୍ ମାତ୍ର କପ ପ୍ରତି ୩ ଟଙ୍କା । ଅପେକ୍ଷାକୃତ କମ ଦାମ୍ ହୋଇଥିବା ବେଳେ ନାଲି ଚା ଦେହ ପାଇଁ ହିତକର ବୋଲି କୁହନ୍ତି ବଜାର ବାସିନ୍ଦା ଡମ୍ବରୁ ସାହୁ । ତେବେ ଚିରାଚରିତ ଚା ଠାରୁ ମସଲା ଯୁକ୍ତ ଲେମନ ଟିର ସ୍ୱାଦ ନିଆରା ହୋଇଥିବା କହିଥାନ୍ତି ଗ୍ରାହକ। ତେଣୁ ସେମାନେ ମଧ ଅପେକ୍ଷା କରିଥାନ୍ତି ଦେବରାଜଙ୍କ ଆସିବା ବାଟକୁ । କିଛିଦିନ ବେପାର କରିବା ମଧରେ ଦେବରାଜ ମଧ ଜାଣିଗଲେଣି କେଉଁ ସ୍ଥାନରେ କେତେବେଳେ ପହଞ୍ଚିଲେ ବେପାର ହେବ । ସକାଳୁ ୧୦ ଟା ପର୍ଯ୍ୟନ୍ତ ଖୁଣ୍ଟା ବଜାରରେ ବିଭିନ୍ନ ସ୍ଥାନରେ ପହଞ୍ଚି ସେ ବେଶ୍ ବେପାର କରିଥାନ୍ତି। ଏହାପରେ ବିଭିନ୍ନ କାର୍ଯ୍ୟାଳୟକୁ ଯାଇଥାନ୍ତି। ଦେବରାଜ ମଣ୍ଡଳ ବୟସ(୨୩ )। ବାପା ବିରେନ ମଣ୍ଡଳ । ଘର ପଶ୍ଚିମବଙ୍ଗ ରାଜ୍ୟ , ମୁର୍ସିଦାବାଦ ଜିଲା ର ଜୋଏନପୁର ଗ୍ରାମ । ଦୁଇ ଭଉଣୀଙ୍କ ବାହାଘର ପରେ ଦୁଇ ଭାଇ ଓ ବାପା ମା'ଙ୍କୁ ନେଇ ତାଙ୍କ ପରିବାର । ବଡ଼ ଭାଇ ବିବାହ କରି ସାରିଥିବା ବେଳେ ସେ ବି ଚା ବ୍ୟବସାୟ କରି ତାଙ୍କ ସଂସାର ଚଳାନ୍ତି । ବାପା ପରିବା ବେପାର କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳିବା କଷ୍ଟକର ହୁଏ। ସେଥି ପାଇଁ ଦେବରାଜ ନବମ ଶ୍ରେଣୀରୁ ପାଠ ପଢା ଛାଡି ଚା' କେଟିଲ ଧରିଛନ୍ତି। ପ୍ରଥମେ ଓଡ଼ିଶାର ମାଲକାନଗିରି ଓ ପରେ ମୟୂରଭଞ୍ଜର ଖୁଣ୍ଟା ଭଳି ଛୋଟ ସହର ତାଙ୍କ ବ୍ୟବସାୟ ଠିକଣା ପାଲଟିଛି। ଇତିମଧ୍ୟରେ ବିତିଗଲାଣି ୪ ବର୍ଷ । ଏହି ବେପାରରୁ ଦୈନିକ ୩୦୦/ରୁ ୪୦୦ ଟଙ୍କା ରୋଜଗାର କରିପାରୁଥିବା ସେ କହିଛନ୍ତି । ସବୁ ମାସ ଘରକୁ କିଛି ଟଙ୍କା ପଠାଉଛନ୍ତି । କେବଳ ଶୀତ ଋତୁରେ ଏହି ବ୍ୟବସାୟ କରୁଥିବା ବେଳେ ଅନ୍ୟ ଦିନରେ ସାଇକେଲ ଯୋଗେ ପୋଷାକ ପତ୍ର ନେଇ ଗାଁ ଗଣ୍ଡା ଯାଇ ବ୍ୟବସାୟ କରନ୍ତି । ସେଥିରେ ମଧ ଭଲ ପଇସା ରୋଜଗାର ହୁଏ । ଚଳିତ ବାହାଘର ଋତୁରେ ସେ ବିବାହ କରିବାକୁ କିଛି ଟଙ୍କା ସଞ୍ଚୟ କରିଛନ୍ତି । ପରେ ଏକ ସ୍ଥାୟୀ ଦୋକାନ କରିବାକୁ ଆଶା ରଖିଥିବା କହିଛନ୍ତି ।




# ପୋଖରୀରେ ପଡ଼ି ଶିଶୁ ସମେତ ୨ ମୃତ

**ତିହିଡ଼ି, ୨୪।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ୨ଟି ସ୍ଥାନରେ ସୋମବାର ପୋଖରୀରେ ପଡ଼ି ଜଣେ ଶିଶୁ ସମେତ ୨ ଜଣ ପ୍ରାଣ ହରାଇଛନ୍ତି। ଦୌଲତପୁର ପଞ୍ଚାୟତ ନମେଇସାହି ଗ୍ରାମର ମୁରଲୀଧର ବୀରଙ୍କର ବର୍ଷକର ପୁଅ ଜ୍ୟୋତିରଞ୍ଜନ ଦାଣ୍ଡରେ ଖେଳୁଥିବା ବେଳ ନିକଟସ୍ଥ ପୋଖରୀରେ ପଡ଼ି ଯାଇଥିଲେ। ପରିବାର ଲୋକ ତାଙ୍କୁ ପାଣିରୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୮୫/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିପରି ଏହି ପଞ୍ଚାୟତର ଖେଦରପୁର ଗ୍ରାମର ବାଜୁ ମହାଳିକ(୮୦) ଶୌଚ ହେବା ପାଇଁ ଗ୍ରାମ ନିକଟସ୍ଥ ପୋଖରୀକୁ ଯାଇଥିଲେ। ପାଣିରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗଦିରୁ ଦମକଳ ଯାଇ ତାଙ୍କୁ ଉଦ୍ଧାର କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୪/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ସଂକ୍ଷେପରେ

### ଝାମ୍ପିନେଲେ ଗହଣା, ଟଙ୍କା

**ବଡ଼ସାହି,୨୪।୧୨(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ବଜାରରୁ ଗହଣା ଦୋକନ ବନ୍ଦ କରି ଫେରୁଥିବା ବେଳେ ଜଣେ ଦୋକାନୀଙ୍କ ପୁଅ ଲୁଟର ଶିକାର ହୋଇଛନ୍ତି। ୩ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ନିକଟରୁ ଟଙ୍କା, ସୁନା ବ୍ୟାଗ ଛଡାଇ ନେଇଥିଲେ। ଏନେଇ ମାଣତ୍ରୀ ଫାଣ୍ଡିରେ ଅଭିଯୋଗ କରିବା ପରେ ବୈଶିଙ୍ଗା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଦୋକାନୀ ତରୁଣ କୁମାର ରଣା ମାଣତ୍ରୀ ବଜାରରେ ଥିବା ବୈଦନାଥ ଜୁଏଲାରୀ ମାଲିକ ତରୁଣ କୁମାର ରଣା ଶନିବାର ରାତିରେ ଦୋକାନ ବନ୍ଦ କରି ପୁଅ ଦିପକଙ୍କ ସହିତ ଘରକୁ ଫେରୁଥିଲେ। ପୁଅ ଗହଣା ଓ ଟଙ୍କା ବ୍ୟାଗ ଧରି ଆଗେ ସାଇକେଲରେ ଯାଉଥିବା ବେଳେ ତରୁଣ ପଛେଇ ଯାଇଥିଲେ। ତେବେ ମାଣତ୍ରୀ ହାଇସ୍କୁଲ ସମ୍ମୁଖରେ ୩ ଯୁବକ ବାଇକ୍‌ରେ ଆସି ତାଙ୍କଠୁ ବ୍ୟାଗଟି ଛଡାଇ ନେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ବି ଲୁଟେରାଙ୍କ ଟେର ପାଇ ପାରି ନ ଥିଲା। ଗହଣାର ମୂଲ୍ୟ ଓ ଟଙ୍କା ମିଶି ସାଢ଼େ ୪ଲକ୍ଷ ଟଙ୍କା ହେବ ବୋଲି ତରୁଣ ଅଭିଯୋଗରେ ଦର୍ଶାଇଛନ୍ତି।

# ୧୬ ଲକ୍ଷର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ବସ୍ତା,୨୪।୧୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଦନନ୍ଦପୁର ଗ୍ରାମର ଅବଦୁଲ ଫରିଦ ଖାଁଙ୍କୁ କଟକ ସ୍ଥିତ ଅବକାରୀ ଗୋଇନ୍ଦା ବିଭାଗ ଅଧିକାରୀମାନେ ଗିରଫ କରି ତାଙ୍କଠାରୁ ପ୍ରାୟ ୧୫୪ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରିଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧୬ ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ଚୋରା କାରବାର ପଡୋଶୀ ପଶ୍ଚିମବଙ୍ଗରୁ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ବ୍ୟାପୀ ରହିଛି ବୋଲି ଅଧିକାରୀମାନେ ଅନୁମାନ କରିଛନ୍ତି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।


ଗିରଫ ବ୍ରାଉନ୍ ସୁଗାର ବେପାରୀ।

## ୫ ବସ୍ତା ଗୁଟ୍‌ଖା ଜବତ

**ଜଳେଶ୍ୱର,୨୪।୧୨ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର ସହର ବସଷ୍ଟାଣ୍ଡ ନିକଟସ୍ଥ ଏକ ଗୋଦାମ ଘରେ ଜଳେଶ୍ୱର ପୋଲିସ ଚଢ଼ାଉକରି ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟର ୫ ବସ୍ତା ନିକୋଟିନ୍ ଯୁକ୍ତ ଗୁଟ୍‌ଖା ଜବତ୍ କରିଛି। ନନ୍ଦିକା ଗ୍ରାମର ନାରାୟଣ ଦତ୍ତ ନାମକ ବ୍ୟବସାୟୀ ଏହି ବସ୍ତା ଗୁଡ଼ିକୁ ଉକ୍ତ ଗୋଦାମ ଘରେ ଗୁପ୍ତରେ ରଖି ବେଆଇନ୍ ଭାବେ କାରବାର କରି ଆସୁଥିଲେ। ନାରାୟଣ ଦତ୍ତଙ୍କୁ ଥାନାରେ ଅଟକ୍ ରଖି ପଚରାଉଚରା ଜାରି ରଖିଥିବାବେଳେ ଏହାକୁ ନେଇ ପୋଲିସ ଏନେଇ ଏକ ମାମଲା(ନଂ.୩୬୩/୧୮) ରୁଜୁକରିଛି।

# ପୋଖରୀରେ ଶିଶୁଙ୍କ ଜୀବନଗଲା

**ଘସିପୁରା, ୨୪।୧୨**

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଖାଳିଆମେଣ୍ଟା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଖାଳିଆମେଣ୍ଟା ଗ୍ରାମର ମାନସ ମଲ୍ଲିକଙ୍କ ପୁଅ ଗଣେଶ୍ୱର। ସାଙ୍ଗଙ୍କ ସହ ପୋଖରୀ ହୁଡ଼ାରେ ଗଣେଶ୍ୱର ଖେଳୁଥିବା ସମୟରେ ଅସାବଧାନତା ଯୋଗୁ ଗଣେଶ୍ୱର ପୋଖରୀରେ ପଡ଼ିଯାଇଥିଲେ। ତାଙ୍କ ସାଙ୍ଗମାନେ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ଗଣେଶ୍ୱରଙ୍କୁ ପୋଖରୀରୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ଅସହାୟ ପରିବାରକୁ ସରକାରୀ ସହାୟତା ଦେବାପାଇଁ ସାଧାରଣରେ ଦାବି ହୋଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସାପକୁ ଧରି ଘୂରି ବୁଲିଲେ ଯୁବକ

**କେନ୍ଦୁଝର, ୨୪।୧୨( ସ୍ୱ.ପ୍ର.):** କେନ୍ଦୁଝର ସହରରେ ଜଣେ ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ପୋଖରୀ ହୁଡ଼ା ସାହିରୁ ଏକ ବିରାଟକାୟ ସାପ ଧରିଥିଲେ। ସାପକୁ ଧରି ଯୁବକ ଜଣଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘୁରି ବୁଲିବା ଘଟଣା ଆଲୋଚ୍ୟର ବିଷୟ ହୋଇଛି। ସାପକୁ ଯୁବକ ଜଣଙ୍କ ଧରି ଡିଏଫଓ ଅଫିସକୁ ଯିବା ପରେ ଏହା ଏକ ଢ଼ମଣା ସାପ ବୋଲି ଜଣାପଡ଼ିଥିଲା। ବନ ବିଭାଗ ସାପକୁ ନେଇ ଜଙ୍ଗଲରେ ଛାଡି ଦେଇଛନ୍ତି। ସାପକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

### ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

**ତେଲକୋଇ,୨୪।୧୨(ଡି.ଏନ.ଏ.):** ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ଡିଏସପି କାନ୍ଦୁରୁ ଚରଣ ପ୍ରଧାନଙ୍କ ଅଧକ୍ଷତାରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଭାବେ ବାବୁଲାଲ ପ୍ରଧାନ, ଉପସଭାପତି ଦୁର୍ଯ୍ୟୋଧନ ସାହୁ, ସମ୍ପାଦକ ସନାତନ ସାହୁଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ କାନ୍ଦୁର ଚରଣ ପ୍ରଧାନ, ଯୁଗୋଳ କିଶୋର ସେନାପତି ରହିଛନ୍ତି।

### ୧ରୁ ଅନ୍‌ଲାଇନରେ ଖଜଣା ଦିଆଯିବ

**ଚମ୍ପୁଆ, ୨୪।୧୨(ଡି.ଏନ.ଏ.):** ଖଜଣା ପୈଠ ପାଇଁ ଆଉ ଆର୍‌ଆଇ ଅଫିସ ଯିବାକୁ ପଡ଼ିବ ନାହିଁ। ୧ରୁ ଅନଲାଇନ ମାଧମରେ ଖଜଣା ପୈଠ କରିବାର ସୁବିଧା ଉପଲବ୍ଧ ହେବ ବୋଲି ଚମ୍ପୁଆ ତହସିଲଦାର ଆଲୋକ ପଟେଲ ସୂଚନା ଦେଇଛନ୍ତି। ପୂର୍ବରୁ ଲୋକେ ଖଜଣା ପୈଠ କରିବା ପାଇଁ ଆର୍‌ଆଇ ଅଫିସ ଯିବାକୁ ପଡୁଥିଲା। ଏପରିକି ସ୍ଥାୟୀ ବାସିନ୍ଦା, ଇନକମ, ଜାତି ପ୍ରମାଣ ପତ୍ର ସହ ବହୁ ପ୍ରମାଣପତ୍ର ପାଇଁ ଖଜଣା କାଟିବା ଆବଶ୍ୟକ ପଡୁଥିଲା। ଲୋକଙ୍କୁ ଏଥିପାଇଁ ସମୟ ଅପଚୟ କରିବାକୁ ପଡୁଥିଲା। ପୋଷ୍ଟ ଅଫିସ ମାଧମରେ ଜମିପଟ୍ଟା ପ୍ରଦାନ ଓ ଯେଉଁମାନଙ୍କର ଦଲିଲ ଥାଇ ପଟ୍ଟା ପାଇ ନାହାନ୍ତି ସେମାନେ ତୁରନ୍ତ ଆବେଦନ କରି ପଟ୍ଟା ପାଇବାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଛନ୍ତି।

### ଶିଶୁ ପ୍ରତିଭା ମହୋତ୍ସବରେ ପୁରସ୍କୃତ



**ତେଲକୋଇ, ୨୪।୧୨(ଡି.ଏନ.ଏ.):** ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ତେଲକୋଇ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ୨ ଶିଶୁ ପୁରସ୍କୃତ ହୋଇଛନ୍ତି। ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଶିଶୁ ପ୍ରତିଭା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକସ୍ତରରୁ ଉକ୍ତ ଶିକ୍ଷାନୁଷ୍ଠାନର ୨ ଜଣ ଶିଶୁ ମନୋନୀତ ହୋଇ ପୁରସ୍କୃତ ହୋଇଛନ୍ତି। ଶିଶୁ ଅଭିଷେକ ବିଶ୍ୱାଳ ଓ ହିତେଶ କୁମାର ପ୍ରଧାନ ଏହି ସଫଳତା ପାଇଛନ୍ତି। ଶିକ୍ଷାବିତ୍ ଦୀପକ କୁମାର ରାଉତରାୟ, ଡ. ବିଶ୍ୱନାଥ ଧଳ, ଇଂ. ଜଗବନ୍ଧୁ ଷଡ଼ଙ୍ଗୀ ଓ ଅରୁଣ ବିଶ୍ୱାଳ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ୨ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ରାତିରେ ଶବ୍ଦ ପ୍ରଦୂଷଣ

**କେନ୍ଦୁଝର ୨୪।୧୨(ସ୍ୱ.ପ୍ର.):** ଶୀତୁଆ ଥଣ୍ଡାରେ ଗୋନାସିକା ମହୋତ୍ସବର ମଜା ସମସ୍ତେ ଉଠାଉଛନ୍ତି। ରାତି ୧୦ ଟା ପରେ ମାଇକ ବଜାଇବା ସହ ବାହାରେ ନାଚଗୀତ ଉପରେ କଟକଣା ରହିଛି। ଗୋନାସିକା ମହୋତ୍ସବରେ ଉଚ୍ଚ ଶକ୍ତି ସମ୍ପନ୍ନ ସାଉଣ୍ଡ କରି ନୃତ୍ୟଗୀତକୁ ନେଇ ଚର୍ଚ୍ଚା ହେଉଛି। ଜିଲା ମୁଖ୍ୟଡାକ୍ତରଖାନା ସାଙ୍ଗକୁ ନର୍ସିଂ ହୋମ ଆଦି ରହିଥିବାରୁ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ରାତିରେ ଶୋଇବାରେ ସ୍ଥାନୀୟ ଲୋକେ ଅସୁବିଧା ଭୋଗୁଥିବାରୁ ଅଭିଯୋଗ ହେଉଛି। ଏହାକୁ ନିୟନ୍ତ୍ରଣ କରିବାକୁ କେତେକ ପରିବେଶବିତ ମତବ୍ୟକ୍ତ କରିଛନ୍ତି।

# ଝିଅକୁ କ୍ୟାନ୍‌ସର, ଚିକିତ୍ସାରେ ଅର୍ଥ ବାଧକ

**ରାଇସୁଆଁ, ୨୪।୧୨ (ଡି.ଏନ.ଏ.)**

- ମୃତ ଶ୍ରମିକଙ୍କ ପରିବାକୁ ଅଣଦେଖା
- ସହାୟତା ଅର୍ଥ ହଡ଼ପ
- ଦୁର୍ଦ୍ଦିନରେ ବିତୁଛି ଜୀବନ



ମା'ଙ୍କ ସହ ଅସହାୟ ୨ ଝିଅ।

ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ସେହି ଯୋଜନା ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରୁନି। ଲୋକେ ରୋଗ ଯନ୍ତ୍ରଣାରେ ପଡ଼ି ଛଟପଟ ହେଉଛନ୍ତି। ସେମାନେ ସରକାରୀ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପର୍ଜ୍ଜୁନପୁର ପଞ୍ଚାୟତ କଶିରାପାଟଣା ଗ୍ରାମର ବିଧବା ପ୍ରମିଳା ମହାନ୍ତଙ୍କ ପରିବାର କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କ ସ୍ୱାମୀ କୁଞ୍ଜବିହାରୀ ଜଣେ ନିର୍ମାଣ ଶ୍ରମିକ ଥିଲେ। ୫ବର୍ଷ ତଳେ ସେ କାମ କରୁଥିବା ସମୟରେ ପଡିଯାଇଥିଲେ। ତାଙ୍କର ଅଣ୍ଟା ଭାଙ୍ଗି ଯାଇଥିଲା। ଉତ୍ତମ ଚିକିତ୍ସା ନ ମିଳିବାରୁ ୪ ବର୍ଷ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରଙ୍କ ତରଫରୁ ନିର୍ମାଣ ଶ୍ରମିକ ହୋଇଥିବାରୁ ତାଙ୍କ ପରିବାରକୁ ୧ ଲକ୍ଷ ୫ ହଜାର ଟଙ୍କା ସହାୟତା ମିଳିଥିଲା। ନିରକ୍ଷରତାର ସୁଯୋଗ ନେଇ ଜଣେ ଅସାମାଜିକ ଲୋକ ତାଙ୍କ ବ୍ୟାଙ୍କ ଏକାଉଣ୍ଟରୁ ୫୫ ହଜାର ଟଙ୍କା ଉଠାଇ ହଡ଼ପ କରି ଫେରାର ହୋଇଯାଇଛନ୍ତି।

ଅନ୍ୟପଟେ ଆଉ ଏକ ଦୁଃଖ ତାଙ୍କ ପରିବାରକୁ ମାଡ଼ି ଆସିଛି। ତାଙ୍କର ୨ ଝିଅ ମଧ୍ୟରୁ ବଡ଼ ଅସୁସ୍ଥ ହୋଇ ପଡ଼ିଛନ୍ତି। ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ କ୍ୟାନସର ହୋଇଥିବା ଜଣା ପଡ଼ିଛି। ଆର୍ଥିକ ଅନାଟନରେ ପରିବାର ରହିଥିବା ବେଳେ ବଡ ଝିଅର ଚିକିତ୍ସା ପାଇ ଚିନ୍ତାର କାରଣ ହୋଇଛି। ସମ୍ପୃକ୍ତ ପରିବାରର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି। ଝିଅର ଚିକିତ୍ସା ଲାଗି ପାଖରେ ଅର୍ଥ ଅଭାବ ରହିଛି। ଦାରିଦ୍ର୍ୟରୁ ଦଶମ ଶ୍ରେଣୀରୁ ବଡ ଝିଅ ପାଠପଢା ଛାଡି ଦେଇଛନ୍ତି। ତାଙ୍କ ମା' ଝିଅର ଚିକିତ୍ସା ପାଇଁ ବାରଦ୍ୱାର ଘୁରି ବୁଲୁଛନ୍ତି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆଶା କର୍ମୀଙ୍କ ବିକ୍ଷୋଭ




ଆଶା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**କେନ୍ଦୁଝର, ୨୪।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସମସ୍ୟା ପୂରଣ ଦାବିରେ ସୋମବାର ଆଶା କର୍ମୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରତିଶ୍ରୁତି ଅନୁଯାୟୀ କର୍ମୀଙ୍କୁ ଆଶା କିଟ କିଣିବା ପାଇଁ ୧୦ ହଜାର ଟଙ୍କା, ଖଣି ଅଞ୍ଚଳରେ ଡିଏମ୍‌ଏଫରୁ ଓ ଅନ୍ୟ ଅଞ୍ଚଳରେ ଏନ୍‌ଏଚ୍‌ଏମ୍ ଦେବେ ବୋଲି କହିଥିଲେ। ଏହି ଯୋଜନା ସମନ୍ୱୟ ବିଭାଗ ଅନୁମୋଦନ କରିଛି। ଝାରସୁଗୁଡ଼ା, ଯାଜପୁର ଏବଂ ରାୟଗଡ଼ା ଓ କଳାହାଣ୍ଡି ଜିଲାର କେତେକାଞ୍ଚଳରେ ଆଶା କର୍ମୀଙ୍କୁ ଉକ୍ତ ଅନୁଦାନ ଦେବା ପାଇଁ ଅର୍ଥ ଯୋଗାଡ଼ ହୋଇଛି। କେନ୍ଦୁଝର ଜିଲାରେ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ଆଶା କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସଭାପତି ରାଧାମୋହନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# 'ସଫେଇ ଦାୟିତ୍ୱରୁ ଠିକାଦାରଙ୍କୁ ହଟାଯାଉ'

**ଆନନ୍ଦପୁର, ୨୪।୧୨(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନି। ସ୍ଥାନୀୟ ଲୋକେ ବାରମ୍ବାର ଦାବି ଜଣାଉଥିଲେ ହେଁ ପୌରପରିଷଦ ପକ୍ଷରୁ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ପରିମଳ ବ୍ୟବସ୍ଥା ଦାୟିତ୍ୱରେ ଥିବା ଠିକାଦାର ମନଇଚ୍ଛା କାମ କରୁଛନ୍ତି। ବାରମ୍ବାର ଅନିୟମିତତା ହେଉଛି। ସେମାନଙ୍କୁ ବାରମ୍ବାର ସଫେଇ ଦାୟିତ୍ୱ ଦିଆଯାଉଛି। ସରକାରୀ ସ୍ତରରେ ଟେଣ୍ଡର ମାଧମରେ ସମ୍ପୃକ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେମାନଙ୍କର ପୂର୍ବ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି ଜଣାଇଛନ୍ତି। ଜନୈକ ଠିକାଦାର ଆନନ୍ଦପୁର ପୌରପରିଷଦ ନାମରେ ଥିବା ଏକ ଟ୍ରାକ୍ଟରକୁ ଘରୋଇ କାମରେ ବ୍ୟବହାର କରି ବାଲି ଚୋରା ଚାଲାଣ କରି ଧରାପଡ଼ିଥିଲେ। ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ପୋଲିସ ଦ୍ୱାରା ଜବତ ହୋଇଥିଲା। ଅଦ୍ୟାବଧି ସେହି ଟ୍ରାକ୍ଟରର ଡାଲା ପୌରପରିଷଦରେ ଜିମା ଦିଆ ନ ଯିବା ଭଳି ଘଟଣା ଘଟିଛି।

ସେମାନଙ୍କୁ ପୁନର୍ବାର ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହିଭଳି କାର୍ଯ୍ୟରେ ଜଡିତ ଥିବା ଠିକାଦାର ଟେଣ୍ଡର ପ୍ରକ୍ରିୟା ସହ ଓତପ୍ରୋତ ଭାବେ ଜଡିତ ହୋଇଛନ୍ତି। ସେଥିପାଇଁ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇ କାର୍ଯ୍ୟାଦେଶ ହାତେଇବାରେ ସଫଳ ହେଉଛନ୍ତି। ଏହିସବୁ କାର୍ଯ୍ୟପ୍ରତି ପୌରପରିଷଦ ପକ୍ଷରୁ ଦୃଷ୍ଟି ଦିଆଗଲେ ସଫେଇ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଆନନ୍ଦପୁର ତହସିଲଦାର ତପନ ନାୟକଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟାରେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯିବ, କିଭଳି ଠିକ୍ ଲୋକ କାର୍ଯ୍ୟାଦେଶ ପାଇବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

## ମହୋତ୍ସବ ମଞ୍ଚରେ ସାଇକେଲ ସେଲଫି ବିବାଦ

**କେନ୍ଦୁଝର, ୨୪।୧୨(ସ୍ୱ.ପ୍ର.)**

କେନ୍ଦୁଝରର ପ୍ରମୁଖ ଗୋନାସିକା ମହୋତ୍ସବ ଧୁମଧାମରେ ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ସୋମବାର ଶିଶୁ ମଙ୍ଗଳ କମିଟିର ଜଣେ ସଦସ୍ୟ ଏକ ସାଇକେଲ ମହୋତ୍ସବ ମଞ୍ଚ ଉପରକୁ ନେଇଥିଲେ। ସେଠାରେ ପୋଜ ଦେଇ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡିବା ଘଟଣା ନେଇ ବିବାଦ ଦେଖାଦେଇଛି। ମଞ୍ଚ ଉପରେ ସାଇକେଲରେ ପୋଜ ଦେବାକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ବାଇକ୍‌ରେ କାହିଁକି ପୋଜ ଦେବାକୁ ଛଡା ଯିବ ନାହିଁ ବୋଲି ଆଲୋଚନା ହେଉଛି। ସର୍ବଦା ସେଲଫି ପାଇଁ ଚର୍ଚ୍ଚାରେ ରହି ଆସୁଛନ୍ତି ଉକ୍ତ ବ୍ୟକ୍ତି। ଏହି ସେଲଫିକୁ ନେଇ ସେ ଅଡୁଆରେ ପଡିଯାଇଛନ୍ତି। ଉକ୍ତ ଘଟଣାକୁ ନେଇ ସଂସ୍କୃତି ଓ କଳାକାର ପ୍ରେମୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି ଘଟଣା ମହୋତ୍ସବ ମଞ୍ଚକୁ ଅବମାନନା ହୋଇଥିବା ଅଭିଯୋଗ ହେଉଥିବା ବେଳେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

■ ଚୋରା ପିଲେଟ୍ ଜବତ ଘଟଣା

# ଚୋରକୁ ନ ଧରି ଦାବିଦାର ଖୋଜୁଛି ପୋଲିସ

**ଯୋଡ଼ା, ୨୪।୧୨(ଡି.ଏନ.ଏ.)**

ଯୋଡ଼ା ଥାନା ଅନ୍ତର୍ଗତ ଖୁଣ୍ଟପାଣି–ସୁରୁଗୁଟୁରିଆ ଜଙ୍ଗଲରୁ ବିପୁଳ ପରିମାଣର ଚୋରା ପିଲେଟ୍ ପୋଲିସ ଜବତ କରିଛି। ଏ ପିଲେଟ୍‌କୁ ଯୋଡ଼ା ଥାନା ପରିସରରେ ରଖାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ଜଙ୍ଗଲ ଭିତରେ ଚୋରା ପିଲେଟ୍ ଡିପୋ ଧରିତ୍ରୀରେ ଶୀର୍ଷକ ଖବର ପ୍ରକାଶ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ କରୁଛି। ଯୋଡ଼ା ପୋଲିସ ଜବତ ପିଲେଟ୍ କେଉଁ ଶିଳ୍ପ କାରଖାନାର ବୋଲି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ୨ କାରଖାନାର କର୍ତ୍ତୃପକ୍ଷଙ୍କୁ ପଚରାଯିବା ପରେ ପିଲେଟ୍ କେଉଁ ଶିଳ୍ପ ସଂସ୍ଥାର ତାହା ଜଣାପଡ଼ିବ ବୋଲି ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତ କହିଛନ୍ତି।

ଏହି ଚୋରା ପିଲେଟ୍ କେଉଁଠାରୁ ଆସିଲା। କେଉଁମାନେ ଏଠାକୁ ପରିବହନ କରି ଜଙ୍ଗଲ ଭିତରେ ଚୋରାରେ ଗଚ୍ଛିତ କଲେ ତାହା ତଦନ୍ତ କରିବା ପରିବର୍ତ୍ତେ ପୋଲିସ ପିଲେଟ୍ ଦାବିଦାର ଖୋଜିବାରେ ବ୍ୟସ୍ତ ରହିଥିବା ଅଭିଯୋଗ ହେଉଛି। ଏ ନେଇ ଯୋଡା ଥାନା ଅଧିକାରୀ ରାଉତଙ୍କ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ ବୋଲି ସେ କହିଛନ୍ତି। ଚୋରା ପିଲେଟ୍ କାରବାର ବୃଦ୍ଧି ପାଉଥିବା ବେଳେ ତଦନ୍ତରେ ଶିଥିଳତା ଚୋରା ବେପାରୀଙ୍କୁ ସୁହାଉଛି ବୋଲି ଅଭିଯୋଗ ହେଉଛି। ପୋଲିସ ଆଖିରେ ଧୂଳି ଦେଇ ଦୁର୍ବୃତ୍ତମାନେ ଅନାୟାସରେ ଉକ୍ତ କାର୍ଯ୍ୟ ଜାରି ରଖିଛନ୍ତି।

# ଗାଁ ସାଥୀ, ମେଟ୍‌ଙ୍କ ସମାବେଶ

**ଝୁମ୍ପୁରା, ୨୪।୧୨(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଗାଁ ସାଥୀ ଓ ମେଟ୍।

ଖୁଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ଅଶୁକୀ ଗ୍ରାମର ଅରଡେଇ ନଦୀ କୂଳରେ ଥିବା ଶିବ ମନ୍ଦିର ମକରମେଳା ପଡ଼ିଆରେ ରବିବାର ଗାଁ ସାଥୀ ଓ ମେଟ୍‌ଙ୍କ ସମାବେଶ ହୋଇଥିଲା। ଝୁମ୍ପୁରା ବ୍ଲକରେ କାର୍ଯ୍ୟରତ ଗାଁ ସାଥୀ ଏବଂ ମେଟଙ୍କର ବୈଠକ ସାଙ୍ଗକୁ ଏକ ବନ୍ଧୁମିଳନ ହୋଇଥିଲା। ଝୁମ୍ପୁରା ବ୍ଲକର ୨୨ ପଞ୍ଚାୟତରେ ଗାଁ ସାଥୀ ଓ ମେଟ୍‌ଙ୍କ ସଂଖ୍ୟା ୨୩୦ ରହିଥିଲା। ଆୟୋଜିତ ବୈଠକରେ ୨ ଶହରୁ ଉର୍ଦ୍ଧ୍ୱ ଗାଁ ସାଥୀ ଓ ମେଟ ଯୋଗ ଦେଇଥିଲେ। ଗାଁ ସାଥୀର ଜିଲା ସଭାପତି ଉମେଶ ମୁଣ୍ଡା ବୈଠକରେ ଅଧକ୍ଷତା କରିଥିଲେ। ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ମେଟ୍‌ଙ୍କର ଝୁମ୍ପୁରା ବ୍ଲକ ସଭାପତି ତରଣୀ ପାତ୍ର, ସେକ୍ରେଟାରୀ ଧୀରେନ ମହାରଣା, ଗାଁ ସାଥୀଙ୍କର ସଭାପତି ସୁନାରାମ ମୁଣ୍ଡା, ସେକ୍ରେଟାରୀ ଉମେଶ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରାଯାଇଥିଲା। ଗାଁ ସାଥୀ ଓ ମେଟ୍‌ଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ସମସ୍ୟାରେ ଲୁଟି ହେଉଥିବା ଗାଁ ସାଥୀ ଓ ମେଟ୍‌ଙ୍କର ପରିଚୟ ପତ୍ର ସହ ମାସିକିଆ ମଜୁରୀ ନେଇ ସରକାରଙ୍କୁ ଦାବି ଜଣାଇବାକୁ ସହମତି ପ୍ରକାଶ ପାଇଥିଲା। ମେଟ ସଭାପତି ତରଣୀ ପାତ୍ର ଧନ୍ୟବାଦ ଜଣାଇଥିଲେ।

# ଶୀତରେ ଥରୁଛି କେନ୍ଦୁଝର

**କେନ୍ଦୁଝର, ୨୪।୧୨(ସ୍ୱ.ପ୍ର.)**

ଶୀତରେ ଥରୁଛି କେନ୍ଦୁଝର। ଚଳିତ ବର୍ଷ କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ରବିବାର ସକାଳେ ୭.୧ ଡିଗ୍ରୀ ସେଣ୍ଟିଗ୍ରେଡ ରେକର୍ଡ କରାଯାଇଛି। ସୋମବାର ତାପମାତ୍ରା ୭.୨ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ସକାଳେ ତାପ ମାତ୍ରା ଥିଲା ୮.୮ ଡିଗ୍ରୀ ସେଣ୍ଟିଗ୍ରେଡ। ଶୁକ୍ରବାର ତାପମାତ୍ର ୧୦ ଡିଗ୍ରୀ ଉପରେ ଥିବା ବେଳେ ହଠାତ ପାରଦ କ୍ରମଶଃ ତଳକୁ ଖସି ଆସିଛି। ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡିଛି। ସହର ତଳି ତଥା ଗ୍ରାମାଞ୍ଚଳ ଓ ପାହାଡ଼ିଆ ଅଞ୍ଚଳରେ ତାପମାତ୍ର ପାଖାପାଖି ୬ ଡିଗ୍ରୀ ତଳକୁ ରହିଥିବା ଅନୁମାନ କରାଯାଉଛି। ପ୍ରବଳ ଥଣ୍ଡାରେ ଲୋକେ ଅସୁବିଧା ଭୋଗୁଛନ୍ତି।



ନିଆଁ ପୋଇଁ ହେଉଛନ୍ତି ଲୋକେ।

## ଭଙ୍ଗା ଅଙ୍ଗନୱାଡି କେନ୍ଦ୍ର ବିପଦ

**ଚମ୍ପୁଆ, ୨୪।୧୨(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ରିମୁଳି ଗ୍ରାମର ୨ନଂ ଅଙ୍ଗନୱାଡି କେନ୍ଦ୍ରର ଗୃହ ବିପଦସଙ୍କୁଳରେ ରହିଛି। ଘରର ଛାତ ଫାଟି ଆଁ କରିଛି। ସେଠାରେ ଶିଶୁଙ୍କୁ ପ୍ରାକ ବିଦ୍ୟାଳୟ ଶିକ୍ଷା ପ୍ରଦାନ କରାଯାଉଛି। ଦୀର୍ଘ ଦିନରୁ ଉକ୍ତ ଛାତର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଥିପ୍ରତି ବିଭାଗର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି। ୧୯୯୨ରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ହୋଇଥିଲା। ସେବେଠାରୁ ମରାମତି ହୋଇନାହିଁ। ସରକାରଙ୍କ ନୂତନ ନିୟମ ଅନୁସାରେ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିର୍ମାଣ କରିବା କଥା। ଉକ୍ତ ନିୟମ ଲାଗୁ ହୋଇପାରି ନାହିଁ। ବର୍ତ୍ତମାନ ଗୃହଟି ଶିଶୁଙ୍କ ପାଇଁ ବିପଦର କାରଣ ପାଲଟିଛି। ତୁରନ୍ତ ଉକ୍ତ ଘରକୁ ମରାମତି କରିବାକୁ ଦାବି ହେଉଛି।

# ଜୋନ୍‌ସ୍ତରୀୟ ୱାର୍ଡ କମିଟି କର୍ମଶାଳା

**ଆନନ୍ଦପୁର, ୨୪।୧୨(ସ୍ୱ.ପ୍ର.)**



ୱାର୍ଡ଼ କମିଟି କର୍ମଶାଳାରେ ଅତିଥିବୃନ୍ଦ।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ କର୍ମୀଙ୍କୁ ସଙ୍ଗଠିତ କରିବା ପାଇଁ ବିଜୁ ଜନତା ଦଳର ଜୋନ୍‌ସ୍ତରୀୟ ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହେଉଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀର ୩ ନଂ ଜୋନ୍ ପକ୍ଷରୁ ସୋମବାର ପଞ୍ଚୁପଲୀଠାରେ କମିଟି କର୍ମଶାଳା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ପର୍ଯ୍ୟବେକ୍ଷକ ଦେବାଶିଷ ସ୍ୱାଇଁ, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂହ, ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର, ଆନନ୍ଦପୁର ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ସାମଲ, ପୂର୍ବତନ ସଭାପତି ରାମଚନ୍ଦ୍ର ପଲେଇ, ନଗରମଣ୍ଡଳ ସଭାପତି ରମାକାନ୍ତ ବେହେରା, ବରିଷ୍ଠ ବିଜେଡି ନେତା ବିରଞ୍ଚି ମହାପାତ୍ର, କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକୁ ଲୋକଲୋଚନରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଡାକ ସେବକ ସଂଘର ସାଧାରଣ ସଭା, ନିର୍ବାଚନ

**କେନ୍ଦୁଝର, ୨୪।୧୨(ସ୍ୱ.ପ୍ର.)**

ଅଖିଳ ଭାରତ ଡାକ କର୍ମଚାରୀ ଗ୍ରାମୀଣ ଡାକସେବକ ସଂଘର ଦ୍ୱିବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ଡମ୍ବରୁଧର ବାରିକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ତୃତୀୟ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ଅମୂଲ୍ୟ କୁମାର ମିଶ୍ର, ମୁଖ୍ୟବକ୍ତା ସର୍କଲ ସମ୍ପାଦକ ନିର୍ମଳ ସିଂହ, ଅନ୍ୟତମ ଅତିଥି ଭାବେ ରୀନାରାଣୀ ପଲେଇ, କବିତା ମହାନ୍ତ ଓ ତ୍ରିଲୋଚନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ନେତା ସଞ୍ଜୟ ପଣ୍ଡା ସଂଘର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ସିଂହ ସଂଘର ପରବର୍ତ୍ତୀ କାର୍ଯ୍ୟ ପନ୍ଥା ବିଷୟରେ ଅବଗତ କରିଥିଲେ।

ସଂଘର ନୂତନ କାର୍ଯ୍ୟକର୍ତ୍ତା ଭାବେ ସର୍ବସମ୍ମତି କ୍ରମେ ସଭାପତି ଭାବେ କବିତାରାଣୀ ମହାନ୍ତ, ଉପସଭାପତି ରୀନାରାଣୀ ପଲେଇ ଓ ମହେଶ୍ୱର ନାୟକ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଜିଲା ସମ୍ପାଦକ ପଦବୀ ପାଇଁ ଚୟନ ସହମତି ଭିତିରେ ହୋଇ ନ ପାରିବାରୁ ନିର୍ବାଚନ ମାଧମରେ ନିର୍ଣ୍ଣୟ କରାଯାଇଥିଲା। ନିର୍ବାଚନରେ ସଞ୍ଜୟ ପଣ୍ଡା ବିଜୟ ଲାଭ କରିଥିଲେ। ସହସମ୍ପାଦକ ଭାବେ ପରମାନନ୍ଦ ଦାଶ, ଲକ୍ଷ୍ମଣ ଖିଲାର, ଭଗବାନ ମହାନ୍ତ, ପୁଷ୍ପଲତା ମହାନ୍ତ ପ୍ରମୁଖ ନିର୍ବାଚିତ ହୋଇଥିଲେ। ବିଭିନ୍ନ ବର୍ଗ ପାଇଁ ଅଜୟ ସୁର, ସତ୍ୟବାନ ନାଏକ, ମହେଶ୍ୱର ମହାନ୍ତ, ବ୍ରଜକିଶୋର ଜେନା, ରୋହିତ ନାଏକ, ବିଦ୍ୟାଧର ସିଂହ, ବବିତା ମହାନ୍ତ, ଲମ୍ବୋଦର ମହାନ୍ତ, ମହେନ୍ଦ୍ର ମହାନ୍ତ, ମଳୟମରୀ ମହାନ୍ତ, ରଷିନାଥ ମହାନ୍ତ, ରମାକାନ୍ତ ନାଏକ ଓ ପବିତ୍ର ମୋହନ ବାରିକ ପ୍ରମୁଖ ନିର୍ବାଚିତ ହୋଇଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

**ଝୁମ୍ପୁରା, ୨୪।୧୨(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଶିଷ ଠାକରେ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଜିଲାପାଳଙ୍କ ସହ ଡିଆରଡିଏର ପ୍ରକଳ୍ପ ପ୍ରଶାସକ ନୃସିଂହ ଚରଣ ସ୍ୱାଇଁ, ଅତିରିକ୍ତ ଏସପି ପିକେ ପରିଡ଼ା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱରୂପ ମିଶ୍ର, ଚମ୍ପୁଆ ରେଞ୍ଜ ଅଧିକାରୀ ଘନଶ୍ୟାମ ବାରିକ, ନେସ୍କୋ ଏସଡିଓ ହଳଧର ସେନାପତି ବିଡିଓ ଜୟଶ୍ରୀ ବେଉରା ପ୍ରମୁଖ ଉପସ୍ଥିତ ରହିଥିଲେ।

ଭତ୍ତା, ପାନୀୟ ଜଳ, ରାସ୍ତା, ରାଶନକାର୍ଡ, ଅଙ୍ଗନୱାଡିରେ ନିଯୁକ୍ତିରେ ଅନିୟମିତତା ଆଦି ୧୩୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଅଭିଯୋଗ ଜନିତ ସମସ୍ୟା ଗୁଡିକ ଉପରେ ବିଶେଷ ଧାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।

# ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ସ୍ୱପ୍ନ

**ରାଇସୁଆଁ, ୨୪।୧୨(ଡି.ଏନ.ଏ.)**

- ଭଙ୍ଗା ଘରେ ୫ ପ୍ରାଣୀ
- ମିଳୁନି ସରକାରୀ ସହାୟତା



ଭଙ୍ଗା ଚାଳିଆରେ ମାଧ ମୁଣ୍ଡାଙ୍କ ପରିବାର।

ସରକାରଙ୍କ ପକ୍ଷରୁ ଗରିବ ନିରାଶ୍ରୟଙ୍କ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକା ଘର ଯୋଜନା କାର୍ଯ୍ୟକାରି ହୋଇଛି। ତାହା ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତର ରୁଗୁଡି ସାହିର ମାଧ ମୁଣ୍ଡାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବହୁବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରି ତାଙ୍କ ପରିବାର ନୟାନ୍ତ ହେଲେଣି। ଅଦ୍ୟାବଧି ଘର ମିଳିଲା ନାହିଁ ବୋଲି ମାଧ କହିଛନ୍ତି।

୫ ପ୍ରାଣୀ କୁଟୁମ୍ବ ଖରା, ବର୍ଷା, ଶୀତରେ ଭଙ୍ଗା ଦଦରା ଘରେ ରହୁଛନ୍ତି। ବର୍ଷା ଦିନେ ଘର ଭିତରେ ଆଣ୍ଠୁଏ ଲେଖାଏଁ ପାଣିରେ ରହିବାକୁ ପଡୁଛି। ସରକାର ପିଠା କାର୍ଯ୍ୟକ୍ରମ ମାଧମରେ ଲୋକଙ୍କୁ ଜନକଲ୍ୟାଣ ଯୋଜନା ସମ୍ପର୍କ ସଚେତନ କରାଉଛନ୍ତି। ବହୁ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ, ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଉଛି। ମାଧ ମଧ୍ୟ ପିଠା କାର୍ଯ୍ୟକ୍ରମକୁ ଯାଇଥିଲେ। ସେ କୌଣସି ସହାୟତା ନ ପାଇ ନିରାଶ ହୋଇ ଫେରିଛନ୍ତି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ନିରାଶ୍ରୟ ମାଧଙ୍କୁ ଘର ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।